


ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ରବିବାର ୧୬ ମଇ ୨୦୨୧ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 16 MAY 2021

Vol.No. 32 ■ No. 124 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019



ପ୍ରକାଶ ଅପେକ୍ଷାରେ,

ରଥ ସଂଖ୍ୟା .....

ସାଗରିକା

ଯୋଗାଯୋଗ କରନ୍ତୁ :

ମୁଖ୍ୟ ସମ୍ପାଦକ ସାଗରିକା

ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗ୍ଲୋବାଲ ଟେଣ୍ଡରରେ କିଣାଯିବ ୩.୮ କୋଟି ଟିକା

### ପ୍ରେସମିଟ୍ କରି ସୂଚନା ଦେଲେ ମୁଖ୍ୟ ଶାସନ ସଚିବ

ଭୁବନେଶ୍ୱର,୧୫/୦୫(ନି.ପ୍ର): ରାଜ୍ୟରେ ଖୁବଶୀଘ୍ର ଦୂର ହେବ ଟିକା ଅଭାବ । କାହିଁକି ନା ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟା ସାହାଯ୍ୟରେ ବିଶ୍ୱ ବଜାରରୁ ୩ କୋଟି ୮୦ ଲକ୍ଷ ଭ୍ୟାକ୍ସିନ୍ କିଣିବ ଓଡିଶା । ଏଥିପାଇଁ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟା ଆହ୍ୱାନ କରାଯାଇଥିବାବେଳେ ଆସନ୍ତା ୨୮ ତାରିଖ ପରେ ରାଜ୍ୟ ସରକାର ଭ୍ୟାକ୍ସିନ କିଣିବେ ବୋଲି ପ୍ରେସମିଟ୍ କରି ସୂଚନା ଦେଇଛନ୍ତି ମୁଖ୍ୟ ଶାସନ ସଚିବ ସୁରେଶ ମହାପାତ୍ର । ଅନ୍ୟପଟେ ଆସନ୍ତା ୪ ମାସ ଭିତରେ ନିର୍ଦ୍ଦିଷ୍ଟ କମ୍ପାନୀ ଓଡିଶାକୁ ଏହି ଟିକା ଯୋଗାଇବ । ଏହି ଟେଣ୍ଡର ପ୍ରକ୍ରିୟାରେ ବିଶ୍ୱର ଯେକୌଣସି କୋଣରୁ କୌଣସି କମ୍ପାନି ଯୋଗ ଦେଇପାରିବେ ବୋଲି କୁହାଯାଇଛି । ଏନେଇ ଗତ କ୍ୟାବିନେଟ୍ ବୈଠକରେ ପ୍ରସ୍ତାବ ପାରିତ ହୋଇଥିଲା । ଅନ୍ୟପଟେ ମୁଖ୍ୟ




ଶାସନ ସଚିବଙ୍କ କହିବା ମୁତାବକ, ଲକଡାଉନ୍ କାରଣରୁ ରାଜ୍ୟର କିଛି ଜିଲ୍ଲାରେ ପଜିଟିଭିଟି ରେଟ୍ ସ୍ଥିର ଏବଂ ଅନ୍ୟ କେତେକ ଜିଲ୍ଲାରେ ସଂକ୍ରମଣ କମିବାରେ ଲାଗିଛି । ତେଣୁ ଆମେ ଯଦି ଆଉ ୧୦ରୁ ୧୫ ଦିନ କୋଭିଡ୍ ନିୟମ କଡାକଡି ଭାବେ ପାଳନ କରିବା ତେବେ ଆମେ ସଂକ୍ରମଣକୁ ରୋକିବାରେ ସମର୍ଥ ହେବା । ଏହା ସହିତ ସମସ୍ତେ ପୂର୍ବଭଳି ମାସ୍କ ଓ ସାମାଜିକ ଦୂରତା ପାଳନ କରିବା ସହିତ ଭୂତାଣୁକୁ ମାତ୍ ଦିଅନ୍ତୁ ବୋଲି ସେ କହିଛନ୍ତି । ଲକଡାଉନ୍ କାରଣରୁ ପଶ୍ଚିମ ଓଡିଶାର ଜିଲ୍ଲା ଗୁଡିକରେ ସଂକ୍ରମଣ ସ୍ଥିର ଥିବାବେଳେ କିଛି ଜିଲ୍ଲାରେ ପଜିଟିଭିଟି ରେଟ୍ କମିବାରେ ଲାଗିଛି । ତେଣୁ ଲୋକମାନେ ଏବେ ସତର୍କ ହେବା ନିହାତି ଆବଶ୍ୟକ । ଅନ୍ୟପଟେ ପରିବା କିଣିବାକୁ ମାର୍କେଟରେ ଗହଳି ନକରି ଏକାଥରକେ ପରିବା କିଣି ଆଣିବାକୁ ସେ ପରାମର୍ଶ ଦେଇଛନ୍ତି । ସେହିପରି ଟିକାକରଣକୁ ନେଇ ମୁଖ୍ୟ ଶାସନ ସଚିବ ମଧ୍ୟ ପ୍ରେସମିଟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛନ୍ତି । ତା ସହିତ ଟିକାକରଣ ଓ କୋଭିଡ୍ ସମ୍ପର୍କରେ ରାଜ୍ୟ ସରକାର ଏକ ପରାମର୍ଶଦାତା କମିଟି ଗଠନ କରିଛନ୍ତି । ଏହି କମିଟିରେ ଥିବା ବିଶେଷଜ୍ଞ ଟିମ୍ ରାଜ୍ୟ ସରକାରଙ୍କୁ ଏ ସମ୍ପର୍କରେ ଅବଗତ କରିବା ସହିତ ପରାମର୍ଶ ଦେବ । ଆଗାମୀ ଦିନରେ ରାଜ୍ୟ ସରକାର କୋଭିଡକୁ କିପରି ମୁକାବିଲା କରିବେ ସେନେଇ ମଧ୍ୟ ଏହି ଟିମ୍ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେବ ବୋଲି ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି ।

## ପୁରୀ ସ୍ୱର୍ଗଦ୍ୱାରର ନବୀକରଣ ପରେ ଆଜି ହେଉଛି ଲୋକାର୍ପଣ : ଏକକାଳୀନ ୨୮ଟି ଶବଦାହ ପାଇଁ ହୋଇଛି ବ୍ୟବସ୍ଥା

ପୁରୀ,୧୫/୦୫ (ନି.ପ୍ର): ପୁରୀ ସ୍ୱର୍ଗଦ୍ୱାରର ନବୀକରଣ କାର୍ଯ୍ୟ ସରିବା ପରେ ଆଜି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଛି । କରୋନା କାଳରେ ପୁରା କୋଭିଡ କଟକଣା ଭିତରେ ସ୍ୱର୍ଗଦ୍ୱାରର ଲୋକାର୍ପଣ କରାଯାଇଛି । ସ୍ୱର୍ଗଦ୍ୱାରର ନବୀକରଣ ପରେ ଏଠାରେ ଏକକାଳୀନ ୨୮ଟି ଶବଦାହ ହୋଇ ପାରିବାର । ଏଥିବା ପାଇଁ ବ୍ୟବସ୍ଥା ହୋଇଛି । ଏହାସହ ହରିଶ୍ଚନ୍ଦ୍ର ଯୋଜାନରେ ରଗିବ ଲୋକ ମାଗଣାରେ ଶବ ଦାହ କରିପାରିବେ ବୋଲି ପୁରୀ ପୌରପରିଷଦ ପକ୍ଷରୁ କୁହାଯାଇଛି । ପୂର୍ବରୁ ଏପ୍ରିଲ ୨୨ରେ ଡ୍ରାଏ ରନ୍ ହୋଇଥିଲା । ପୁରୀ ଜିଲ୍ଲାପାଳ ଆଜି ସ୍ୱର୍ଗଦ୍ୱାରର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଛି ।

## କୋଭିସିଲ୍ଡ ଟିକାର ଦୁଇଟି ଡୋଜ ଭିତରେ ବ୍ୟବଧାନକୁ ୧୨ରୁ ୧୮ ସପ୍ତାହକୁ ବୃଦ୍ଧି

### ହେଲେ ଇଂଲଣ୍ଡ କମାଇଲା ଦ୍ୱିତୀୟ ଡୋଜ୍ ଟିକାର ଅବଧି

ଭୁବନେଶ୍ୱର,୧୫/୦୫(ନି.ପ୍ର): ପ୍ରଥମ ଡୋଜ୍ ଟିକା ନେବାର କେତେଦିନ ପରେ ନେବେ ଦ୍ୱିତୀୟ ଡୋଜ୍ । ଏହାକୁ ନେଇ ଏକ ବଡ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । କାରଣ ଗତ ଗୁରୁବାର କୋଭିସିଲ୍ଡ ଟିକାର ପ୍ରଥମ ଡୋଜ୍ ନେବାର ୧୨ରୁ ୧୮ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେବାପାଇଁ ସାନି ନିର୍ଦ୍ଦେଶନାମା ଜାରି କରିଛନ୍ତି ଭାରତ ସରକାର । ପୂର୍ବରୁ ଏଥିପାଇଁ ୬ରୁ ୮ ସପ୍ତାହ ସମୟ ଦିଆଯାଇଥିଲା । ନିୟମ ବଦଳିବା ପରେ କୋ-ୱିନ ପୋର୍ଟାଲରେ ମଧ୍ୟ ଏହି ସମୟ ବ୍ୟବଧାନକୁ ବଦଳାଇ ଦିଆଯାଇଛି । ଅର୍ଥାତ ପ୍ରଥମ ଡୋଜ୍ ନେବାର ୮୪ ଦିନ ପରେ ଦ୍ୱିତୀୟ ଡୋଜ୍ ନେବା ପାଇଁ




ପଞ୍ଜିକରଣ କରିପାରିବେ । ହେଲେ ଆଶ୍ଚର୍ଯ୍ୟଜନକ ଭାବେ ଇଂଲଣ୍ଡ ସରକାର ଦୁଇଟି ଡୋଜ୍ ମଧ୍ୟରେ ବ୍ୟବଧାନକୁ କମାଇ ଦେଇଛନ୍ତି । ଆଷ୍ଟ୍ରାଜେନେକା ଏବଂ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିକଶିତ କୋଭିସିଲ୍ଡ ଟିକାର ପ୍ରଥମ ଡୋଜ୍ ନେବାର ▶▶ପୃଷ୍ଠା ୭

## କରୋନା ଲକ୍ଷଣ ଥିବା ବରିଷ୍ଠ ନାଗରିକଙ୍କ ଘରକୁ ଯାଇ ନମୂନା ସଂଗ୍ରହ କରିବ ବିଏମସି

ଭୁବନେଶ୍ୱର,୧୫/୦୫(ନି.ପ୍ର): ବରିଷ୍ଠ ନାଗରିକଙ୍କ ପାଇଁ ବଡ଼ ସୁବିଧା କଲା ବିଏମସି । ୬୦ରୁ ଅଧିକ ବୟସ୍କ ଯେଉଁମାନେ ଟେଷ୍ଟିଂ ସେଣ୍ଟରକୁ ଆସିପାରୁ ନାହାନ୍ତି ସେମାନଙ୍କ ଘରକୁ ବିଏମସି ପଠାଇବ ମୋବାଇଲ୍ ଟିମ୍ । ଏନେଇ ବିଏମସି କମିଶନର ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । କେବଳ ଏତିକି ନୁହେଁ ଟେଷ୍ଟିଂ ଭଳି ଟୀକାକରଣ ପାଇଁ ମଧ୍ୟ ଟୀକାକେନ୍ଦ୍ରକୁ ଆଣି ଟୀକା ଦେଇ ଘରେ ଛାଡ଼ିବା ପାଇଁ ମଧ୍ୟ ବ୍ୟବସ୍ଥା କରାଯାଇଛି । ଆସନ୍ତା ସୋମବାରରୁ କାର୍ଯ୍ୟକ୍ଷମ ହେବ ଏହି ସୁବିଧା ବୋଲି କହିଛନ୍ତି ବିଏମସି କମିଶନର । ତେବେ ବରିଷ୍ଠ ନାଗରିକଙ୍କୁ ଏହି ସୁବିଧା ପାଇବାକୁ ହେଲେ ବିଏମସି




ଜାରି କରିଥିବା ଟୋଲ ଫ୍ରି ନମ୍ବର ୧୯୨୯ରେ ରେଜିଷ୍ଟ୍ରେସନ ଅବା କଲ୍ କରିବା ଆବଶ୍ୟକ । ସେଥିପାଇଁ ଆହୁରି ସଦୃଢ଼ିକରଣ କରାଯାଇଛି ୧୯୨୯ କଲ୍ ସେଣ୍ଟର । ଅଧିକ ୫ଟି ସୁବିଧା ପାଇପାରିବେ ରାଜଧାନୀବାସୀ । ତେବେ ଲକ୍ଷଣ ଥିଲେ ନଲୁଚାଇବାକୁ ପରାମର୍ଶ ଦିଆଯାଇଛି । ଏହାସହ ଟୀକାକରଣ କେନ୍ଦ୍ର ମଧ୍ୟ ବଢ଼ାଇବାକୁ ଯୋଜନା କରୁଛି ବିଏମସି । ଆଜି ଡ୍ରାଇଭ-ଇନ୍ ଭ୍ୟାକ୍ସିନେସନ୍ ଅବଧି ଶେଷ ହେଉଥିବାବେଳେ ଏହାକୁ ଜାରି ରଖିବା ପାଇଁ ବିଏମସି ନିଷ୍ପତ୍ତି ନେଇଛି । ଡ୍ରାଇଭ୍-ଇନ୍ ଭ୍ୟାକ୍ସିନେସନ୍ ପାଇଁ ଆଜି ସନ୍ଧ୍ୟାରୁ ସ୍ଲଟ ବୁକିଂ ଆରମ୍ଭ ହେବ ।


## ଘରୋଇ କମ୍ପାନୀ କର୍ମଚାରୀଙ୍କ ଇ-ଆପ୍ଲିକେସନ୍ ଆରମ୍ଭ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଟ୍ୱିନ୍ ସିଟିରେ ଇ-ପରମିଶନ ବ୍ୟବସ୍ଥା ପାଇଁ ଇ-ଆପ୍ଲିକେସନ ଆରମ୍ଭ କରିଛି କମିଶନରେଟ ପୋଲିସ୍ । ଭୁବନେଶ୍ୱର ଓ କଟକରେ କାର୍ଯ୍ୟରତ ଘରୋଇ କମ୍ପାନୀ କର୍ମଚାରୀମାନେ ଏହା ଜରିଆରେ ଇ -ପରମିଶନ ପାଇପାରିବେ ବୋଲି ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ ସୂଚନା ଦେଇଛନ୍ତି । ଅପରପକ୍ଷରେ ଘରୋଇ ସଂସ୍ଥାଗୁଡ଼ିକରେ କୋଭିଡ-୧୯ ଗାଇଡ୍ ଲାଇନ୍ ସଠିକ୍ ଭାବେ ପାଳନ ▶▶ପୃଷ୍ଠା ୭

## ଭୀଷଣ ସାମୁଦ୍ରିକ ଝଡରେ ପରିଣତ ହେଲା ଆରବ ସାଗରରେ ସୃଷ୍ଟ ବାତ୍ୟା ତୌକତେ

### ମଙ୍ଗଳବାର ସକାଳେ ଗୁଜୁରାଟ ଉପକୂଳ ଅତିକ୍ରମ କରିବ

ଭୁବନେଶ୍ୱର,୧୫/୦୫(ନି.ପ୍ର): ଆରବ ସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ବାତ୍ୟା ତୌକତେ ଆଜି ଏକ ସିଭୟର ସାଇକ୍ଲୋନିକ ଷ୍ଟର୍ମ ବା ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହୋଇଛି । ଏହା ଘଣ୍ଟାପ୍ରତି ୧୩ କିଲୋମିଟର ବେଗରେ ଉତ୍ତର ଦିଗରେ ଗତି କରୁଛି ଓ ଆଜି ଦିନ ସାଢେ ୧୧ଟା ସୁଦ୍ଧା ଏହା ଗୋଆଠାରୁ ୨୯୦ କିଲୋମିଟର ଦକ୍ଷିଣ-ପଶ୍ଚିମ ଦିଗରେ, ମୁମ୍ବାଇଠାରୁ ୬୫୦ କିଲୋମିଟର ଦକ୍ଷିଣ, ଦକ୍ଷିଣ-ପଶ୍ଚିମ ଦିଗରେ କେନ୍ଦ୍ରୀଭୂତ ହୋଇରହିଥିଲା । ଏହା ଆଜି ମଧରାତ୍ରି ସୁଦ୍ଧା ଏକ ଅତି ଭୀଷଣ ସାମୁଦ୍ରିକ ବାତ୍ୟାରେ ପରିଣତ ହେବାର ସମ୍ଭାବନା ରହିଛି



ବୋଲି ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ଜାରି ଅପରାହ୍ଣ ବୁଲେଟିନରେ କୁହାଯାଇଛି । ଏହା ଉତ୍ତର, ଉତ୍ତର-ପଶ୍ଚିମ ଦିଗରେ ଗତି କରି ଆସନ୍ତା ୧୮ ତାରିଖ ସକାଳେ ଗୁଜୁରାଟ ଉପକୂଳ ଅତିକ୍ରମ କରିବାର ସମ୍ଭାବନା ରହିଛି । ଏହି ବାତ୍ୟା ପ୍ରଭାବରେ ଗୋଆ, କେରଳ, ତାମିଲନାଡୁ, କର୍ଣ୍ଣାଟକ, ଦକ୍ଷିଣ କୋଙ୍କଣ, ଉପକୂଳ ମହାରାଷ୍ଟ୍ରରେ ଇତି ମଧ୍ୟରେ ପ୍ରବଳ ବର୍ଷା ଆରମ୍ଭ ହୋଇଯାଇଛି । ସେହିପରି ଆସନ୍ତା କାଲିଠାରୁ ପଶ୍ଚିମ ଗୁଜୁରାଟ ଓ ରାଜସ୍ଥାନର କେତେକ ଅଂଚଳରେ ବର୍ଷା ହୋଇପାରେ । ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୫୦ରୁ ୧୬୦ କିଲୋମିଟର ଓ କେତେକ ସମୟରେ ଏହା ୧୭୫ କିଲୋମିଟର ଟପିପାରେ ଓ ସମୁଦ୍ରରେ ବଡ଼ ବଡ଼ ଲହରି ଉଠିପାରେ । ଏହାକୁ ଦୃଷ୍ଟିରେ ରଖି ମତ୍ସ୍ୟଜୀବୀମାନଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ଭାରତୀୟ ପାଣିପାଗ ବିଭାଗ ପକ୍ଷରୁ ସତର୍କ କରିଦିଆଯାଇଛି ।

## ଟ୍ୱିନ୍ ସିଟିରେ ଆଇସିୟୁ ଯାଂଚ କରିବ ୪ ଜଣିଆ ଟିମ୍

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଟ୍ୱିନ୍ ସିଟିରେ ଆଇସିୟୁ ଓ ଭେଂଟିଲେଟର ଯାଂଚ କରିବେ ସ୍ୱତନ୍ତ୍ର ଟିମ୍ । ଏନେଇ ଭୁବନେଶ୍ୱର ଓ କଟକ ପାଇଁ ୪ ଜଣିଆ ଏକ୍ସପର୍ଟ କମିଟି ଗଠନ କରିଛି ସ୍ୱାସ୍ଥ୍ୟ ବିଭାଗ । ଏହି କମିଟି କଟକ ଓ ଭୁବନେଶ୍ୱର କୋଭିଡ୍ ହସ୍ପିଟାଲ ବୁଲି ଅନୁଧ୍ୟାନ କରିବେ ଏବଂ ଗୁରୁତର ରୋଗୀଙ୍କୁ ଆଇସିୟୁ ବେଡ୍ ମିଳୁଛି ନା ନାହିଁ ଯାଂଚ କରିବେ। ଏହି ସ୍ୱତନ୍ତ୍ର ଟିମ୍ ଟ୍ୱିନ୍‌ସିଟିର ବିଭିନ୍ନ ହସ୍ପିଟାଲ ଯାଂଚ କରି ଡାକ୍ତରଙ୍କ ସହ ଆଲୋଚନା କରିବେ, ରୋଗୀଙ୍କ ସ୍ଥିତି ଦେଖିବେ। ଏହାପରେ ଅପରାହ୍ନ ୫ଟାରେ ସ୍ୱାସ୍ଥ୍ୟ ବିଭାଗକୁ ରିପୋର୍ଟ ଦେବେ। ସେହି ଅନୁଯାୟୀ, ପଦକ୍ଷେପ ନିଆଯିବ ବୋଲି ଜଣାଯାଇଛି। ଜେନେରାଲ ବେଡ ଆବଶ୍ୟକ କରୁଥିବା ରୋଗୀ ଆଇସିୟୁରେ ରହୁଛନ୍ତି। ଫଳରେ ଆଇସିୟୁ ବେଡ ଆବଶ୍ୟକ କରୁଥିବା ଗୁରୁତର ରୋଗୀ ତାହା ପାଇପାରୁନାହାନ୍ତି। ତେଣୁ ଆଇସିୟୁ ବେଡ ଆବଶ୍ୟକ କରୁଥିବା ରୋଗୀଙ୍କୁ ପ୍ରାଥମିକତା ଦିଆଯିବ। ରାଜ୍ୟରେ ଦୈନିକ ୧୨ ହଜାର ପାଖାପାଖି କରୋନା ଆକ୍ରାନ୍ତ ଚିହ୍ନଟ ହେଉଥିବା ବେଳେ ଗୁରୁତର ରୋଗୀଙ୍କ ସଂଖ୍ୟା ବି ସେହି ଅନୁପାତରେ ବଢୁଛି। ଅକ୍ସିଜେନ ଆବଶ୍ୟକ କରୁଥିବା ରୋଗୀଙ୍କୁ ଆଇସିୟୁ ସୁବିଧା ଦରକାର ପଡୁଛି। ହେଲେ ଆବଶ୍ୟକ ଅନୁଯାୟୀ, ଟୁଇନସିଟିରେ ଆଇସିୟୁ ସୁବିଧା ନ ମିଳିବାରୁ ବହୁ ରୋଗୀ ଆଖି ବୁଜୁଥିବା ଅଭିଯୋଗ ହୋଇ ଆସୁଛି। ରାଜ୍ୟ ସରକାରଙ୍କ ସୂଚନା ଅନୁଯାୟୀ, ଟୁଇନସିଟିରେ ୭୯% ଆଇସିୟୁ ବେଡ ପୂରଣ ହୋଇସାରିଛି। ମାତ୍ର ୨୧ % ଖାଲି ପଡ଼ିଛି। ଦିନକୁ ଦିନ ରୋଗୀ ସଂଖ୍ୟା ବଢୁଥିବା ବେଳେ ହସ୍ପିଟାଲ ଉପରେ ବଢୁଥିବା ଚାପକୁ କମାଇବା ପାଇଁ ଏପରି ରଣନୀତି ପ୍ରସ୍ତୁତ କରାଯାଇଛି।

## ଏଥର ସଅଳ ଆସିବ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ

ଭୁବନେଶ୍ୱର,୧୫/୦୫(ନି.ପ୍ର): ନିର୍ଦ୍ଧାରିତ ସମୟ ପୂର୍ବରୁ କେରଳ ଛୁଇଁବ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ । ମୌସୁମୀ କେରଳ ଛୁଇଁବାର ସ୍ୱାଭାବିକ ସମୟ ଜୁନ୍ ୧ ତାରିଖ ହୋଇଥିବା ବେଳେ ଚଳିତ ବର୍ଷ ଏହାର ଦିନେ ପୂର୍ବରୁ ଅର୍ଥାତ ମେ’ ୩୧ ତାରିଖରେ ଛୁଇଁବ ବୋଲି ଆଜି କହିଛି ଭାରତୀୟ ପାଣିପାଗ ବିଜ୍ଞାନ କେନ୍ଦ୍ର । ଏହାସହ ଜୁନ୍ ୧୦ ତାରିଖ ଦିନ ଓଡ଼ିଶାକୁ ମୌସୁମୀ ବାୟୁ ପ୍ରବେଶ କରିବ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପୂର୍ବାନୁମାନ କରିଛି । ପାଣିପାଗ କେନ୍ଦ୍ରର ସୂଚନା ମୁତାବକ ଚଳିତ ବର୍ଷ ମୌସୁମୀ ମେ’ ୩୧ ତାରିଖରେ କେରଳ ଛୁଇଁବ । ବିଭିନ୍ନ ମଡେଲର ଆକଳନ ଅନୁଯାୟୀ ୪ଦିନ ଏପଟ ସେପଟରେ ଅର୍ଥାତ ମେ’ ୨୭ରୁ ଜୁନ୍ ୪ ଭିତରେ ମୌସୁମୀ କେରଳ ଛୁଇଁବାର ସମ୍ଭାବନା ସୃଷ୍ଟି ହେଉଛି । ଏଣୁ କେନ୍ଦ୍ର ପକ୍ଷରୁ ଏକ ହାରାହାରି ହିସାବରେ ମେ’ ୩୧ରେ ମୌସୁମୀ କେରଳ ଛୁଇଁବ ବୋଲି ଆକଳନ କରାଯାଇଛି । ଭାରତରେ ମୌସୁମୀର ଗତିକୁ ଲକ୍ଷ୍ୟ କଲେ ଜଣାପଡ଼େ, ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁର ପ୍ରଥମ ବର୍ଷା ଦକ୍ଷିଣ ଆଣ୍ଡାମାନ ସାଗରରେ ହୋଇଥାଏ । ଏହା ପରେ ମୌସୁମୀ ବାୟୁ ଉତ୍ତର-ପଶ୍ଚିମ ଆଡ଼କୁ ▶▶ପୃଷ୍ଠା ୭

## ପୋଲ ତଳକୁ ଖସିଲା କାର : ୩ ମୃତ ୨ଜଣ ଗୁରୁତର



ବାଲେଶ୍ୱର,୧୫/୦୫ (ନି.ପ୍ର): ବାରିପଦାରୁ ଭୁବନେଶ୍ୱର ଯାଉଥିବା ଏକ କାର ଶନିବାର ସକାଳେ ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଛଣପୁରଠାରେ ଭାରସାମ୍ୟ ହରାଇ ପୋଲ ତଳକୁ ଖସିପଡ଼ିବା ଫଳରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୨ ଗୁରୁତର ଏବେ ଚିକିତ୍ସିତ ଅଛନ୍ତି। ପ୍ରାପ୍ତ ସୂଚନା ଅନୁସାରେ ଶୁକ୍ରବାର ବିଳମ୍ବିତ ରାତିରେ ବାରିପଦାର ତୁଳସୀଚୌରା ଅଂଚଳରୁ ୫ଜଣ ଯୁବକ ଓଡି୧୧ଏମ - ୩୮୨୦ ନଂ କାରରେ ଭୁବନେଶ୍ୱରର ଏକ ଘରୋଇ ହସପିଟାଲକୁ ଯାଉଥିଲେ। ସେଠାରେ ଚିକିତ୍ସିତ ସମ୍ପର୍କୀୟଙ୍କୁ ଦେଖା କରିବା ପାଇଁ ସେମାନେ ବାହାରିଥିଲେ । ତେବେ ୧୬ ଜାତୀୟ ରାଜପଥର ଶିକ୍ଷାଞ୍ଚଳ ଥାନା ଅନ୍ତର୍ଗତ ତାରିଣୀ ଛକ ତଥା ବିର୍ଲା ଟାୟାର୍ସ ଶିକ୍ଷାନୁଷ୍ଠାନ ସମ୍ମୁଖ ପୋଲ ଅତିକ୍ରମ କରୁଥିବା ବେଳେ କାରଟି ଭାରସାମ୍ୟ ▶▶ପୃଷ୍ଠା ୭

## ଗୋଟିଏ ଦିନରେ ୧୧୮୦୫ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୧୮୦୫ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୬୦୦୪୯୨ କୁ ବୃଦ୍ଧି ପାଇଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୪୯୧୬୭୪ ରୋଗୀ ସୁସ୍ଥ ହୋଇ ସାରିଥିବା ବେଳେ ସକ୍ରିୟ ୧୦୬୪୭୧



ରହିଛି। ଆଜି ଚିହ୍ନଟ ହୋଇଥିବା ୧୧୮୦୫ ଜଣଙ୍କ ମଧ୍ୟରୁ ୬୬୧୧ ଜଣ ସଂଗରୋଧରୁ ହୋଇଥିବା ବେଳେ ୫୧୯୪ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । କରୋନା ପଜିଟିଭ ମାମଲା ସାମନାକୁ ଆସିବା ପରେ ଏହି ବାବଦରେ କଂଟାକ୍ଟ ଟ୍ରେସିଂ ଓ ଅନ୍ୟ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରା ଯାଉଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ପ୍ରକାଶ କରା ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ▶▶ପୃଷ୍ଠା ୭

## ପଶ୍ଚିମବଙ୍ଗରେ ଘୋଷଣା ହେଲା ଲକଡାଉନ୍

ପଶ୍ଚିମବଙ୍ଗ,୧୫/୦୫ : ରାଜ୍ୟରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ଆସନ୍ତା କାଲି ଠାରୁ ମେ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲକଡାଉନ ଘୋଷଣା କରିଛନ୍ତି ପଶ୍ଚିମବଙ୍ଗ ସରକାର । ଏନେଇ ରାଜ୍ୟର ମୁଖ୍ୟ ଶାସନ ସଚିବ ଅଲପନ୍ ବନ୍ଦୋପାଧ୍ୟାୟ ଏକ ଆଦେଶ ଜାରି କରିଛନ୍ତି । ଆଦେଶ ମୁତାବକ ମେ ୧୬ ତାରିଖରୁ ମେ ୩୦ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ଲକଡାଉନ ଜାରି ରହିବ । ଏହି ସମୟରେ କେବଳ ଅତ୍ୟାବଶକୀୟ ସେବା ଚାଲୁ ରହିବ । ଲକଡାଉନ ସମୟରେ ଘରୋଇ କାର୍ଯ୍ୟାଳୟ, ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ଅନ୍ୟପଟେ ପରିବା ଓ ଫଳ ବଜାର ସକାଳ ୭ ରୁ ୧୦ ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି କୁହାଯାଇଛି । ଏହି ଲକଡାଉନ ସମୟରେ ଘରୋଇ କାର୍ଯ୍ୟାଳୟ (ଜରୁରୀ ସେବା ବ୍ୟତୀତ) ବନ୍ଦ ରହିବା ସହ ଶିକ୍ଷାନୁଷ୍ଠାନ ବନ୍ଦ ରହିବ । ରାଜନୈତିକ, ସାଂସ୍କୃତିକ ଓ ଧାର୍ମିକ ଗତିବିଧି ଉପରେ ରୋକ୍ । ଜରୁରୀ ସେବା ବ୍ୟତୀତ ବାକି ସବୁ ଶିଳ୍ପ, ଫ୍ୟାକ୍ଟ୍ରି ବନ୍ଦ ରହିବ । ଜରୁରୀ ସେବାରେ ନିୟୋଜିତ ଯାନ ବାହନକୁ ଛାଡି ଅନ୍ୟ ସମସ୍ତ ▶▶ପୃଷ୍ଠା ୭

# ବଜାରରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ଆକାଶ ଛୁଆଁ : କରୋନା କଟକଣାକୁ ଫୁ

ରାଉରକେଲା,୧୫/୫ (ନି.ପ୍ର): କରୋନାର ଦ୍ୱିତୀୟ ଲହରରେ ରାଉରକେଲା ସମେତ ସୁନ୍ଦରଗଡ଼ ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ପାଇବାରେ ଲାଗିଛି । ଏତିକିବେଳେ ସରକାର ରାଜ୍ୟରେ ଲକଡାଉନ କରି ସକାଳୁ ଦିନ ୧୨ଟା ଯାଏ କୋହଳ କରି ଲୋକଙ୍କ ବଜାର ଆଦି କରିବାକୁ ସୁଯୋଗ ଦେଇଛନ୍ତି । ଶନିବାର ରବିବାର ସପ୍ତାହନ୍ତ ସଟ୍ ଡାଉନ୍ ଜାରୀ ରହିଛି । ତେବେ ଏହି ଦୁଇ ଦିନ ବ୍ୟତୀତ ସପ୍ତାହର ଅନ୍ୟ ଦିନ ମାନଙ୍କରେ ଦିନ ୧୨ ଟା ମଧ୍ୟରେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ କିଣିବାକୁ ବଜାରରେ ଲୋକଙ୍କ ଭିଡ଼ ପରିଲକ୍ଷିତ ହେଉଛି । ଲୋକେ ବଜାରରେ ସାମାଜିକ ଦୂରତାକୁ ଫୁ କରି ବୁଲୁଥିବାବେଳେ ଅନେକଙ୍କ ମାସ୍କ ନାକ ତଳେ ରହୁଥିବା ଦେଖାଯାଇଛି । ସେପଟେ ପରିବା ଓ ରାସନ ସାମଗ୍ରୀର ଦର ମଧ୍ୟ ଲଗାମ ହୀନ ହୋଇ ପଡିଛି । ଆଜି ଶୁକ୍ରବାର, ଆସନ୍ତା ଦୁଇଦିନ ପୁରା ଲକଡାଉନ ରହିବ, ତେଣୁ ଲୋକେ ବଜାରକୁ ବାହାରିଥିଲେ । ରାସ୍ତାକଡ ପରିବା ହାଟରେ ସାମାଜିକ ଦୂରତାକୁ ଲୋକେ ଫୁ କରିଥିବା ବେଳେ ମାଛ ବଜାର କଥା ନକହିବା ଭଲ । ପ୍ରତି ରାସନ ଦୋକାନରେ ଗ୍ରାହକଙ୍କ ଭିଡ଼ । ବଜାରରେ ପରିବା ଦର ଦେଖିବାବେଳେ ଜଣାପଡିଛି ଯେ, ପୋଟଳ କିଲୋ ୬୦କୁ ବାଇଗଣ ୪୦ । ଏହିଭଳି ପରିବା ବଜାର ଚାଲିଥିବା ବେଳେ, ମୁଗ, ବିରି ଡାଲିର ଦର କିଲୋ ପିଛା ୧୦୬ ହୋଇଛି । ଖାଇବା ତେଲର ଦର ଆକାଶ ଛୁଆଁ । ଫଳ ବଜାରକୁ ଲୋକେ ଯିବା ଭୁଲିଲେଣି । ୧୦୦ରୁ ୩୦୦ ଯାଏ ବିଭିନ୍ନ କିସମର ଫଳ ବିକା ଚାଲିଛି । ଅଣ୍ଡା ୧୨ଟାକୁ ୮୦ ଟଙ୍କାରେ ବିକା ଚାଲିଛି । ଏନେଇ ଅଭିଯୋଗ ହେବା ପରେ ଯୋଗାଣ ବିଭାଗ ରାଉରକେଲା ମହାନଗର ପକ୍ଷରୁ କିଛି ଦିନ ତଳେ ହୋଲସେଲ ବଜାର ଉପରେ ଚଢ଼ଉ କରାଯାଇଥିଲା, ତେବେ ତା ପରେ ସବୁ ଚୁପ । କରୋନାକୁ ନେଇ ମହାନଗରର ମଇଳା ଉଠା ଗାଡି ପ୍ରତିଦିନ ସଚେତନତାର କଥା ପ୍ରଚାର କରୁଥିବା ବେଳେ ବଜାର ଦର, ବେଆଇନ ଭାବେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ଗଚ୍ଛିତ ରଖିବା, ଚଢା ଦରରେ ସାମଗ୍ରୀ ବିକିବା ନେଇ କୌଣସି ସଚେତନତା ବାର୍ତ୍ତା ଦିଆଯାଉନି । ଏହାଦ୍ୱାରା ବିଭିନ୍ନ କଲୋନୀରେ ଥିବା ଖୁଚୁରା ବ୍ୟବସାୟୀ ମାନେ ମଧ୍ୟ ମନଇଚ୍ଛା ଲୋକଙ୍କୁ ଲୁଟୁଛନ୍ତି । ଅବଶ୍ୟ ଏଭଳି ବାର୍ତ୍ତା ପ୍ରଶାସକ ମାନେ ନିଜ ଏସି ରୁମରୁ ଥାଇ ଟିଭି ଆଗରେ କହୁଛନ୍ତି, ବିଭିନ୍ନ ମିଡିଆ ଗୃପରେ ସେସବୁ ସେୟାର ହେଉଛି, ହେଲେ ବାସ୍ତବରେ ଯେଉଁ ବେପାରୀ ମାନେ ଲୋକଙ୍କୁ ସିଧାସଳଖ ସାମଗ୍ରୀ ବିକୁଛନ୍ତି ସେମାନଙ୍କ ପାଖରେ ଏହା ପହଂଚି ପାରୁନାହିଁ ଏହା ତାହାର ଜ୍ୱଳନ୍ତ ଉଦାହରଣ । କରୋନା ସମୟରେ ଲୋକେ କାମଧନ୍ଦା ଛାଡି ଘରେ ବସିଛନ୍ତି, ଏତିକିବେଳେ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦର ବୃଦ୍ଧିର ଦାଉ ଲୋକଙ୍କ ଲାଗି ଅସହ୍ୟ ହୋଇଛି । ଯାହାକି ବିଭିନ୍ନ ମହଲରେ ବ୍ୟବସ୍ଥା ଉପରେ ଆଙ୍ଗୁଠି ଉଠାଜିବା ସହ କହିବା କରିବା ମଧ୍ୟ କେତେ ଫରକ ତାହା ମଧ୍ୟ ସୁଚାଉଛି । ରାଜ୍ୟ ସରକାର ତୁରନ୍ତ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## କରୋନା ନେଇ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କଲେ ଜୁଏଲ ଓରାମ

ସୁନ୍ଦରଗଡ,୧୫/୫ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଜିଲ୍ଲାରେ ପ୍ରଶାସନ ପକ୍ଷରୁ କରୋନା ନେଇ ନିଆ ଯାଇଥିବା ପଦକ୍ଷେପ ସମ୍ପର୍କରେ ସମୀକ୍ଷା କରଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ସୁନ୍ଦରଗଡ଼ ଜିଲ୍ଲାରେ କରୋନା ଭୂତାଣୁ ସଂକ୍ରମଣର ଦ୍ୱିତୀୟ ଲହରୀ କ୍ରମଶଃ ଦୁର୍ବଳ ହେବାକୁ ଲାଗିଲାଣି କ୍ଷ ଏଭଳି ସ୍ଥିତିରେ ଜିଲ୍ଲାରେ ମହାମାରୀ ମୁକାବିଲାକୁ ଆହୁରି ତୀକ୍ଷଣ କରିବା ନିମନ୍ତେ ଆଜି ସୁନ୍ଦରଗଡ଼ ଠାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲା ପ୍ରଶାସନକୁ ପରାମର୍ଶ ଦେଇଥିଲି ।

## ଭାରସାମ୍ୟ ହରାଇ ଟ୍ରାଫିକ୍ ପୋଷ୍ଟକୁ ଧକ୍କା ଦେଲା ବୋଲେରୋ

ଜୟପୁର,୧୫/୫ (ନି.ପ୍ର): ବୋରିଗୁମ୍ମା ସହରର ମୁଖ୍ୟ ସଡ଼କରେ ଥିବା ଟ୍ରାଫିକ ପୋଷ୍ଟକୁ ଧକା ଦେଲା ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ଗାଡ଼ି । ବୋରିଗୁମ୍ମା ଜାତୀୟ ରାଜପଥ ଟ୍ରାଫିକ ଛକ ନିକଟରେ ଟ୍ରାଫିକ ପୋଷ୍ଟକୁ ଧକ୍କା ଦେଇ ବୋଲେରୋ ଗାଡ଼ିଟି ଥାନା ପାଚେରୀ ନିକଟରେ ଥିବା ଏକ ନାଳ ଭିତରକୁ ପଶିଯାଇଛି । ସୂଚନା ଅନୁଯାୟୀ କୋଟପାଡ଼ ଠାରୁ ଜୟପୁର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ ବୋଲେରୋ ଗାଡ଼ି ନମ୍ବର ଓଆର୍୧୦ଡି୬୦୫୪ ସେହି ସମୟରେ ନିୟନ୍ତ୍ରଣ ହରାଇ ବୋରିଗୁମ୍ମା ମୁଖ୍ୟଛକ ଟ୍ରାଫିକ ପୋଷ୍ଟକୁ ଧକ୍କା ଦେଇ ଥାନା ପାଚେରୀ ନିକଟ ନାଳ ଭିତରେ ପଶିଯାଇଥିଲା । ଫଳରେ ଟ୍ରାଫିକ ପୋଷ୍ଟଟି ୫୦ ମିଟର ଦୂରରେ ଛିଟିକି ପଡ଼ିଥିଲା । ଦୁର୍ଘଟଣା ଘଟାଇ ଡ୍ରାଇଭର ଫେରାର ହୋଇଯାଇଥିଲା ଗାଡ଼ିଟିକୁ ପୋଲିସ୍ ଜବତ କରିଥିବାବେଳେ ଗାଡ଼ିର ମାଲିକ କିଏ ଏବଂ କେଉଁ କାରଣରୁ ଦୁର୍ଘଟଣା ଘଟିଲା ତାହାର ତଦନ୍ତ ଚାଲୁଥିବା କହିଛନ୍ତି ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ ।

## ଗତ ୨୪ ଘଂଟାରେ କଟକରେ ମାସ୍କ ନପିନ୍ଧିବା ପାଇଁ ୩୦୧ ଜଣଙ୍କଠାରୁ ଜୋରିମାନା ଆଦାୟ

କଟକ,୧୫/୫ (ନି.ପ୍ର): କଟକରେ ଗତ ୨୪ ଘଂଟା ମଧ୍ୟରେ କୋଭିଡ୍-୧୯ ଗାଇଡ୍‌ଲାଇନ୍ ଉଲ୍ଲଂଘନ ଅନୁଯାୟୀ ୩୦୧ ଜଣଙ୍କ ଠାରୁ ମାସ୍କ ନପିନ୍ଧିବା ପାଇଁ ଜୋରିମାନା ଆଦାୟ କରାଯାଇଛି । ସେହିପରି ୪୨୭ ଜଣ ସାମାଜିକ ଦୂରତା ନରଖିବା ବ୍ୟକ୍ତିଙ୍କ ଠାରୁ ମଧ୍ୟ ଜୋରିମାନା ଆଦାୟ କରାଯାଇଛି ବୋଲି କଟକ ଡିସିପି ଅଫିସ୍‌ରୁ ଟୁଇଟ୍ ଦ୍ୱାରା ସୂଚନା ଦିଆଯାଇଛି । ତା' ସହିତ ୨ଟି ଦୋକାନ ମଧ୍ୟ ସିଲ୍ କରାଯାଇଛି ।

## ବ୍ରହ୍ମପୁର କେନ୍ଦ୍ରୀୟ କାରାଗାରରେ ୪୮ ବନ୍ଦୀ କରୋନା ପଜିଟିଭ୍ ଚିହ୍ନଟ

ଗଞ୍ଜାମ,୧୫/୫ (ନି.ପ୍ର): ବ୍ରହ୍ମପୁର କେନ୍ଦ୍ରୀୟ କାରାଗାରରେ ୪୮ ଜଣ ବନ୍ଦୀ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ଜଣାପଡିଛି । ସେମାନଙ୍କ ମଧ୍ୟରୁ ଜଣେ ଆଜୀବନ କଏଦୀ ଗୁରୁତର ଥିବାରୁ ଏବଂ ତାଙ୍କର ଅମ୍ଳଜାନର ଆବଶ୍ୟକତା ରହିଥିବାରୁ ତାଙ୍କୁ ବ୍ରହ୍ମପୁର ଏମକେସିଜି ମେଡ଼ିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ନିମନ୍ତେ ଭର୍ତି କରାଯାଇଛି । ଅନ୍ୟ ମାନଙ୍କୁ ଜେଲ୍ ମଧ୍ୟରେ ଥିବା ୧୦୦ ଶଯ୍ୟା ବିଶିଷ୍ଟ ଡେଡିକେଟେଡ୍ କୋଭିଡ୍ ହସ୍ପିଟାଲରେ ରଖାଯାଇ ଚିକିତ୍ସା କରାଯାଉଛି । ଆବଶ୍ୟକ ହେଲେ ସୋନଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇପାରେ । ଜେଲ୍ ଡାକ୍ତରଙ୍କ ସମେତ ଅନ୍ୟ ଜଣେ ଡାକ୍ତରଙ୍କୁ ଏଥି ନିମନ୍ତେ ନିଯୁକ୍ତି ଦିଆଯାଇଛି । ବର୍ତ୍ତମାନ ଏହି ଜେଲ୍ ରେ ୯୨୭ ଜଣ ବନ୍ଦୀ ରହିଥିବା ବେଳେ ୨୭ଟି କୋଠରୀ ରହିଛି । ଅନ୍ୟ ବନ୍ଦୀ ମାନଙ୍କ ମଧ୍ୟ କୋଭିଡ୍ ଟେଷ୍ଟ କରାଯିବ ବୋଲି ଜେଲର୍ ସୂଚନା ଦେଇଛନ୍ତି ।

## ଅଳ୍ପକେ ବର୍ତ୍ତିଲେ ଆମ୍ବୁଲାନ୍ସ ଡ୍ରାଇଭର

ଜୟପୁର,୧୫/୫ (ନି.ପ୍ର): ରାସ୍ତା ଉପରେ ଭାରସାମ୍ୟ ହରାଇ ଆମ୍ବୁଲାନ୍ସଟି ଏକ ପୋଲ ତଳକୁ ଖସି ଯାଉଯାଉ ଅଳ୍ପକେ ରକ୍ଷା ପାଇଯାଇଛି । ଏହି ଦୁର୍ଘଟଣାରେ ଡ୍ରାଇଭର ଅଳ୍ପକେ ବର୍ତିଯାଇଛନ୍ତି । ହେଲେ ଗାଡିଟି ବିପଦପୂର୍ଣ୍ଣ ଭାବେ ପୋଲ ତଳକୁ ଝୁଲି ରହିଥିଲା । ବୋରିଗୁମ୍ମା ବ୍ଲକ୍ ରାଣୀଗଡ ଫାଣ୍ଡି ଅଂଚଳରେ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି । ଗ୍ରାମବାସୀଙ୍କ ସହାୟତାରେ ଗାଡିକୁ ଉଦ୍ଧାର କରାଯିବା ପରେ ଡ୍ରାଇଭର ଗାଡ଼ି ନେଇ ମେଡିକାଲ୍ ଅଭିମୁଖେ ଚାଲିଯାଇଥିଲେ । କୋରାପୁଟରୁ ଆମ୍ବୁଲାନ୍ସ ଟି ରାଣୀଗଡ ରାସ୍ତାଦେଇ ଆସୁଥିବା ବେଳେ ଭାରସାମ୍ୟ ହରାଇଥିଲା । ଆମ୍ବୁଲାନ୍ସଟି ପୋଲ ଉପରେ ବିପଦପୂର୍ଣ୍ଣ ଭାବେ ଝୁଲି ରହିଥିଲା । ଦୁର୍ଘଟଣା ପରେ ଡ୍ରାଇଭର ସୁରକ୍ଷିତ ଅବସ୍ଥାରେ ବାହାରକୁ ବାହାରିବା ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ ରଶି ଲଗାଇ ଗାଡିକୁ ରାସ୍ତା ଉପରକୁ ଅଣାଯାଇଥିଲା । ଖବରପାଇ ରାଣୀଗଡ ଫାଣ୍ଡି ପୁଲିସ୍ ଘଟଣାସ୍ଥଳରେ ପହଂଚିଥିଲା । କିନ୍ତୁ ସେତେବେଳକୁ ଡ୍ରାଇଭର ଆମ୍ବୁଲାନ୍ସ ନେଇ ସେଠାରୁ ଚାଲିଯାଇଥିଲେ । ଏକ ନିଶ୍ଚିତ ଦୁର୍ଘଟଣାରୁ ଡ୍ରାଇଭର ବର୍ତିଯାଇଥିବା ଗାଁ ଲୋକେ କହିଛନ୍ତି ।

## ଏନଟିପିସି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କଲେ ଜୁଏଲ ଓରାମ



ସୁନ୍ଦରଗଡ,୧୫/୫ (ନି.ପ୍ର): ପୂର୍ବତନ କେନ୍ଦ୍ର ମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଗୁରୁବାର ଦିନ ଏନଟିପିସି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - କରୋନା ମାର୍ଗଦର୍ଶିକାକୁ ପାଳନ କରି ଆଜି ସୁନ୍ଦରଗଡ଼ ସ୍ଥିତ ଏନଟିପିସି ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିଦର୍ଶନରେ ଯାଇ କୋଭିଡ ସଂକ୍ରମିତ ରୋଗୀମାନଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟଗତ ସୁବିଧା-ଅସୁବିଧା ସମ୍ପର୍କରେ ପଚାରି ବୁଝିବା ସହିତ ଏଠାରେ ଚାଲିଥିବା ଚିକିତ୍ସା ସମ୍ବନ୍ଧରେ ଡାକ୍ତର ମାନଙ୍କ ସହିତ ଆଲୋଚନା କରିଥିଲି ଏବଂ କୌଣସି ସଂକ୍ରମିତ ରୋଗୀ ଯେପରି କୌଣସି ବି ଅସୁବିଧାର ସମ୍ମୁଖୀନ ନ ହୁଅନ୍ତି ସେଥିପାଇଁ ଯତ୍ନବାନ ହେବାକୁ ଡାକ୍ତର ଏବଂ ନର୍ସ ମାନଙ୍କୁ ପରାମର୍ଶ ଦେଇଥିଲି ।

## ଦୁଇ ଦୁଇଥର ବିଦ୍ୟୁତ୍ ଉପକରଣ ଦେଇ ଆଦିବାସୀଙ୍କୁ ଦୀର୍ଘ ବର୍ଷ ଭଣ୍ଡେଇ ଚାଲିଛି ବିଦ୍ୟୁତ୍ ବିଭାଗ, ଅନ୍ଧାରରେ ୪୫ ପରିବାର

ହରିଚନ୍ଦନପୁର,୧୫/୫ (ନି.ପ୍ର): ବିଦ୍ୟୁତ ଖୁଂଟ ପଡ଼ିଛି, ଘରେ ଘରେ ମିଟର ବସିଛି, ଏଲ୍‌ଇଡି ବଲବ୍ ମଧ୍ୟ ଯୋଗାଇ ଦିଆଯାଇଛି, ହେଲେ ଅନ୍ଧାରରେ ଜୀବନ ବିତାଉଛନ୍ତି ୪୫ ଗୋଟି ଆଦିବାସୀ ପରିବାର । ଏଭଳି ଏକ ବିଚିତ୍ର ଚିତ୍ର କେନ୍ଦୁଝର ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ଶଗଡପଟା ଗ୍ରାମପଂଚାୟତର ବିଲ୍ଲା ଗ୍ରାମ ଆଖୁପାଳ ତଳସାହିରେ ଦେଖିବାକୁ ମିଳିଛି । ସାହିର ପ୍ରାୟ ୪୫ ପରିବାରକୁ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଗ୍ରାମ୍ୟ ବିଦ୍ୟୁତ୍ ସଂଯୋଗୀକରଣ ଯୋଜନାରେ ଦୁଇ ଦୁଇଥର ଇଲେକ୍ଟ୍ରିକ ମିଟର, ସୁଇଚ୍ ବୋର୍ଡ, ଏଲ୍‌ଇଡି ବଲବ୍, ବଙ୍କୁଲୀ ବାଡ଼ି, ଆବଶ୍ୟକ ସର୍ଭିସ୍ ତାର ଆଦି ଉପକରଣ ଯୋଗାଇ ଦିଆଯାଇଛି । ହେଲେ ଉପକରଣ ଯୋଗାଇ ପରେ ଦୀର୍ଘ ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ୍ ସଂଯୋଗ କରାଯାଇନାହିଁ, ଯାହାକୁ ନେଇ ଅନ୍ଧାରରେ ୪୫ ପରିବାର ଦିନ କାଟୁଛନ୍ତି । ଉକ୍ତ ସାହି ଠାରୁ ମାତ୍ର ୨୦୦ମିଟର ଦୂର ତଥା ପଡୋଶୀ ସାହି ଗୁଡିକରେ ବିଦ୍ୟୁତ୍ ସଂଯୋଗ ରହିଥିବା ବେଳେ ଦୁଃଖର ବିଷୟ ଏହି ସାହି ଉପରେ ବିଦ୍ୟୁତ୍ ବିଭାଗର ଦୃଷ୍ଟି ପଡୁନାହିଁ । ଏନେଇ ଗ୍ରାମବାସୀ ବାରମ୍ବାର ବିଦ୍ୟୁତ୍ ବିଭାଗ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇ ଦୃଷ୍ଟି ଆକର୍ଷଣ ସହ ଲିଖିତ ଅଭିଯୋଗ କରି ଆସୁଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ କୌଣସି ସୁଫଳ ପାଇ ପାରିନାହାନ୍ତି । ବିଦ୍ୟୁତ ବିଭାଗ ପକ୍ଷରୁ ଖୁବଶୀଘ୍ର ସାହିବାସୀଙ୍କୁ ବିଜୁଳି ଆଲୁଅ ଯୋଗାଇ ଦିଆଯିବ କହି ପ୍ରତିଶ୍ରୁତି ପରେ ପ୍ରତିଶ୍ରୁତି ଦେଇ ଆଦିବାସୀଙ୍କୁ ଭଣ୍ଡେଇ ଚାଲିଛି । ଏଥି ମଧ୍ୟରେ ଉପକରଣ ଯୋଗାଇ ଦେବା ଠାରୁ ଦୀର୍ଘ ୫ବର୍ଷ ବିତିଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ବିଦ୍ୟୁତ ସଂଯୋଗ ହୋଇ ପାରିନାହିଁ । ଅନ୍ୟପଟେ ଗାଁ ଗାଁକୁ ବିଦ୍ୟୁତ୍ କରଣ କରିବା ଦିଗରେ ସରକାର ବାର୍ଷିକ କୋଟି କୋଟି ଟଙ୍କା ଅନୁଦାନ ରାଶି ପ୍ରଦାନ କରିଚାଲିଥିବା ବେଳେ କର୍ତ୍ତୃପକ୍ଷ ଓ ଠିକାଦାର ଉପକରଣ ଯୋଗାଇ ସମ୍ପୂର୍ଣ୍ଣ ଅନୁଦାନ ରାଶି ହଡ଼ପ କରିନେଉଥିବା ଅଭିଯୋଗ ହୋଇଛି । ଯାହା ଫଳରେ ଅପହଂଚ ଆଦିବାସୀ ସବୁ ଦିନେ ସରକାରୀ ଯୋଜନାକୁ ଚାହିଁ ଚାହିଁ ଦୁର୍ଦ୍ଦିନରେ ଜୀବନ ବିତାଇବାକୁ ବାଧ ହେଉଥିବା ନଜିର ରହିଛି । ମୁଖ୍ୟ କଥା ସାହିର ଲୋକଙ୍କୁ ମିଟର ସହ ଉପକରଣ ଦିଆଯିବା ପରେ ସଂଯୋଗ ନହୋଇ ସେମାନଙ୍କ ନାମରେ ମାସିକ ବିଦ୍ୟୁତ୍ ବିଲ୍ ମଧ୍ୟ ଆସୁଥିଲା । ଉକ୍ତ ବିଲ୍ ଗୁଡ଼ିକ ବିଭାଗର କର୍ତ୍ତୃପକ୍ଷକୁ ଦେଖାଇବା ପରେ ବିଲ୍ ଛାଡ଼ ହୋଇଥିବା ସାହିବାସୀ ସୂଚନା ଦେଇଛନ୍ତି । ଏଥିପ୍ରତି ବିଦ୍ୟୁତ୍ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ, ଜିଲ୍ଲାପାଳ ଓ ସ୍ଥାନୀୟ ମନ୍ତ୍ରୀ ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ୪୫ ଆଦିବାସୀ ପରିବାରକୁ ବିଦ୍ୟୁତ୍ ଯୋଗାଇ ଦେବାକୁ ଗ୍ରାମବାସୀଙ୍କ ଦାବି ହୋଇଛି ।

## ଚିନାବାଦାମ ଓ ମୁଗ ମଣ୍ଡି ଉଦ୍‌ଘାଟିତ

ମାଲକାନଗିରି,୧୫/୫ (ନି.ପ୍ର): ମାଲକାନଗିରି ନିୟନ୍ତ୍ରିତ ବଜାର କମିଟି ପରିସରରେ ଜିଲ୍ଲା ସ୍ତରୀୟ ଚିନାବାଦାମ ଓ ମୁଗ ମଣ୍ଡିକୁ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ ବିରସେନ ପ୍ରଧାନ ଯୋଗଦେଇ ଅନୁଷ୍ଠାନିକ ଭାବେ କୋଭିଡ ଗାଇଡ଼ ଲାଇନ ପାଳନ କରି ଉଦଘାଟନ କରିଥିଲେ ।ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଗୁରୁଚରଣ ନାୟକ, ଲ୍ୟାମ୍ପସ ସାଧାରଣ ପରିଚାଳକ ଅଭିମନ୍ୟୁ ନାୟକ,, ଜିଲ୍ଲା କୃଷି ଅଧିକାରୀ କୈଳାସ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ମଣ୍ଡି ଦ୍ୱାରା ଚାଷୀ ମାନେ ଉପକୃତ ହେବେ ବିଲି କହିଥିଲେ । ପ୍ରଥମ ଦିନ ୨ ୧ ଜଣ ଚାଷୀ ଙ୍କ ଠାରୁ ୨ ୬ ୦ବସ୍ତା ଚିନାବାଦାମ ଓ ମୁଗ କ୍ରୟ କରାଯାଇଛି । ଚିନାବାଦାମ କୁଇଂଟାଲ ପିଛା ୫ ୨ ୭ ୫ ଟଙ୍କା ଓ ମୁଗ କୁଇଂଟାଲ ପିଛା ୭ ୧ ୯ ୬ ଟଙ୍କା ଧାର୍ଯ୍ୟ କରାଯାଇଛି । ସୋମବାର ମାଲକାନଗିରି, ବେଜାଙ୍ଗିବାଡ଼ା, ପଡିଆ, ପୋଟ୍ରେଲ, ଖଇରପୁଟ, ମଙ୍ଗଳବାର ଚିତ୍ରାଙ୍ଗପାଲି, କୋରୁକୋଣ୍ଡା, ମାଥିଲି, ଶିଖପାଲି, ବୁଧବାର ଏମ ଭି ୭ ୨, ଏମ ଭି ୭ ୯, ଲୁଗେଲ, ନୀଳାକାମ୍ବେରୁ, କୁଡୁମୁଲୁଗୁମା । ଗୁରୁବାର ଉଣ୍ଡରୁକୋଣ୍ଡା, ଗୁମୁକା, ପିଟାଗାଟା, ରାସବେଡା । ଶୁକ୍ରବାର ପଦ୍ମଗିରି, ସା ଲମାରିକୋଣ୍ଡ, ପୁସୁଗୁଡା, ଚିତାପାରୀ, ଗୋବିନ୍ଦପାଲି, ଓ ଶନିବାର ଏମ ପିଭି ୮ ୧, ଡୁଡାମେଟା, ପୋଟେରୁ ଏବଂ ସୋମନାଥପୁର ମଣ୍ଡିରେ ଚାଷୀ ମାନଙ୍କଠାରୁ ଚିନାବାଦାମ ଓ ମୁଗ କିଣାଯିବ ।

## ସମ୍ବଲପୁର ମଣ୍ଡଳ ଅକ୍ସିଜେନ ଏକ୍ସପ୍ରେସ୍‌ର ସୁରକ୍ଷିତ ଓ ଦ୍ରୁତଗତିରେ ଚଳାଚଳକୁ ସୁନିଶ୍ଚିତ କରିଛି

ସମ୍ବଲପୁର,୧୫/୫ (ନି.ପ୍ର): ରେଳବାଇ ସାମ୍ପ୍ରତିକ କୋଭିଡ୍-୧୯ର ମୁକାବିଲା କରିବା ପାଇଁ ଅକ୍ସିଜେନ ଏକ୍ସପ୍ରେସର ଚଳାଚଳକୁ ଏକ ଆହ୍ୱାନ ରୂପେ ଗ୍ରହଣ କରିଅଛି ଏବଂ ରୋଗୀମାନଙ୍କର ଜୀବନ ବଂଚାଇବା ପାଇଁ ତଥା କୋଭିଡ୍-୧୯ର ଦ୍ୱିତୀୟ ଲହରୀ ସହିତ ଲଢ଼ିବା ପାଇଁ ଷ୍ଟିଲ୍‌ପ୍ଲାଂଟଗୁଡ଼ିକରୁ ତରଳ ମେଡ଼ିକାଲ ଅକ୍ସିଜେନ୍‌କୁ ଟ୍ରେନ୍‌ଯୋଗେ ଦେଶର ବିଭିନ୍ନ ପ୍ରାନ୍ତକୁ ପରିବହନ କରି ସଫଳତା ପୂର୍ବକ ପହଂଚାଉଛି । ପୂର୍ବତଟ ରେଳପଥର ସମ୍ବଲପୁର ମଣ୍ଡଳ ଏହାର ଅଧୀନରେ ସବୁଜ କରିଡର ସୃଷ୍ଟିକରି ଅକ୍ସିଜେନ୍ ଏକ୍ସପ୍ରେସଗୁଡ଼ିକର ସୁରକ୍ଷିତ ଓ ଦ୍ରୁତଗତି ନିଶ୍ଚିତ କରିବା ପାଇଁ ପ୍ରାଧାନ୍ୟ ଦେଉଛି । ଯଦ୍ୱାରା ଏହା ଗନ୍ତବ୍ୟସ୍ଥଳରେ ଶୀଘ୍ର ପହଂଚି ରୋଗୀମାନଙ୍କର ଜୀବନ ବଂଚାଇବାରେ ସହାୟକ ହେବ । ୧୪ ମଇ ୨୦୨୧ ସୁଦ୍ଧା ସମ୍ବଲପୁର ମଣ୍ଡଳ ଦେଇ ୨୦ଗୋଟି ଅକ୍ସିଜେନ ଏକ୍ସପ୍ରେସ ଦେଶର ନାଗପୁର(ମହାରାଷ୍ଟ୍ର), ସିକନ୍ଦରାବାଦ(ତେଲେଙ୍ଗାନା), ଫରିଦାବାଦ(ହରିୟାଣା), ତିରିଭାଲ୍ଲୁର(ତାମିଲନାଡୁ) ଓ ଦିଲ୍ଲୀ ଇତ୍ୟାଦି ସ୍ଥାନକୁ ସୁଚାରୁ ଭାବେ ଚଳାଚଳ କରିଅଛି । ଅକ୍ସିଜେନ ଏକ୍ସପ୍ରେସ୍‌ର ଦ୍ରୁତଗତି ପାଇଁ ସବୁଜ କରିଡର ସୃଷ୍ଟି କରାଯାଇଛି ଏବଂ କୋଭିଡ୍-୧୯ ମହାମାରୀ ସଂକଟର ଏହି ସମୟରେ ଦେଶକୁ ସର୍ବୋତମ ସେବା ଯୋଗାଇବା ପାଇଁ ସର୍ବୋଚ୍ଚ ସ୍ତରରେ ପରିଚାଳନାକୁ ନଜର ରଖାଯାଉଅଛି । ମଣ୍ଡଳ ରେଳ ପ୍ରବନ୍ଧକ ଶ୍ରୀ ପ୍ରଦୀପ କୁମାର ଏହି ବିଶେଷ ଅକ୍ସିଜେନ ଏକ୍ସପ୍ରେସଗୁଡ଼ିକୁ ସର୍ବୋଚ୍ଚ ପ୍ରାଥମିକତା ଦେଇ ଚଳାଚଳ କରିବା ପାଇଁ ଏହା ସହିତ ସମ୍ପର୍କିତ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ପରାମର୍ଶ ଦେଇଛନ୍ତି । ଯଦ୍ୱାରା ଦେଶ ସାରା ରୋଗୀମାନଙ୍କର ଜୀବନ ରକ୍ଷା ହୋଇପାରିବ । ଏହାବ୍ୟତୀତ ମଣ୍ଡଳ ତରଫରୁ ଅକ୍ସିଜେନ ଏକ୍ସପ୍ରେସଗୁଡ଼ିକରେ କାର୍ଯ୍ୟରତ କର୍ମଚାରୀମାନଙ୍କୁ ଖାଦ୍ୟ ଏବଂ ପାନୀୟ ଜଳର ବ୍ୟବସ୍ଥା ମଧ୍ୟ କରାଯାଉଅଛି ।

## ଲୁହାଛଡ଼ ଚୋରି କରି ଗିରଫ ହେଲେ ଯୁବକ

ପୁରୀ,୧୫/୫ (ନି.ପ୍ର): କୁମ୍ଭାରପଡ଼ା ଥାନା ଅନ୍ତରଗତ ଜେଲରୋଡ଼ ରେ ଥିବା ନିର୍ମାଣଧୀନ ଭକ୍ତ ନିବାସରୁ ଲୁହା ଛଡ଼ ଓ ସ୍କାନର ଚୋରି କରି ଜଣେ ଯୁବକ ଗିରଫ ହୋଇଛନ୍ତି । ଗିରଫ ଯୁବକ ପ୍ରକାଶ ସାହୁ (୩୩)କୁ କୁମ୍ଭାରପଡ଼ା ଥାନା ପୋଲିସ ଗିରଫ କରି ଆଜି କୋର୍ଟ ଚାଲାଣ କରିଛି କ୍ଷ ସୂଚନା ଅନୁଯାୟୀ ଭକ୍ତ ନିବାସ ର ମ୍ୟାନେଜେର ମଧୁମିତା ମହାପାତ୍ର ଏ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ କରିଥିଲେ କ୍ଷ ଏ ସମ୍ପର୍କ ରେ ୧୪୮/୨୧ରେ ମାମଲା ରୁଜୁ କରି ଏସ. ଆଇ. ଲୋପାମୁଦ୍ରା ପଣ୍ଡା ତଦନ୍ତ କରୁଥିଲେ । ସୂଚନା ପାଇ ପ୍ରକାଶକୁ ଗିରଫ କରିବା ସହ ତା ଠାରୁ ୭ଖଣ୍ଡ ଲୁହା ଛଡ ଓ ୨ ଟି ସ୍କାନର ଜବତ କରିଛି ।

## ଗ୍ରାମାଂଚଳ ଲୋକଙ୍କୁ ଡାକବାଜି ଯନ୍ତ୍ର ଯୋଗେ କରାଯାଉଛି କରୋନା ସଚେତନ ବାର୍ତ୍ତା

ଜୟପୁର,୧୫/୫ (ନି.ପ୍ର): ଦିନକୁ ଦିନ ଉପର ମୁହାଁ ହେଉଛି କରୋନାର ଦ୍ୱିତୀୟ ଲହର । ସହରାଂଚଳ ଠାରୁ ଆରମ୍ଭ କରି ଗ୍ରାମାଂଚଳ ପର୍ଯ୍ୟନ୍ତ ସବୁଠି ନିଜର କାୟା ବିସ୍ତାର କରୁଛି କରୋନା । କରୋନା ସଂକ୍ରମଣର ଚେନ୍‌କୁ ଭାଙ୍ଗିବା ପାଇଁ କେଉଁଠି ନାଇଟ୍ କର୍ଫ୍ୟୁ ଆଉ ସପ୍ତାହନ୍ତ ସଟ୍‌ଡାଉନ୍ ବଳବତର ରହିଛି । ଏହାବାଦ ୧୪ ଦିନିଆ ଲକ୍‌ଡାଉନ୍ ମଧ୍ୟ ଜାରୀ ରହିଛି । ଏସବୁ ସତ୍ୱେ ମଧ୍ୟ କୋରାପୁଟ ଜିଲ୍ଲାରେ ଉପର ମୁହାଁ କରୋନା । ଯାହାକୁ ନେଇ ସରାକାର ଯେତିକି ଚିନ୍ତିତ ଲୋକେ ମଧ୍ୟ ସେତିକି ଭୟଭୀତ । ଗତ ଫେବୃଆରୀ ମାସ ଠାରୁ ବୋରିଗୁମ୍ମା ବ୍ଲକରେ କରୋନା ଗ୍ରାଫ ବର୍ଦ୍ଧିବାରେ ଲାଗିଛି । ଏମିତିକି ଗତ ତିନିମାସ ମଧ୍ୟରେ ବୋରିଗୁମ୍ମା ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୪୦ ପାର କରିସାରିଛି । ସେଥିମଧ୍ୟରୁ ୯୦ଜଣ ସୁସ୍ଥ ମଧ୍ୟ ହୋଇଥିବା ଜଣାପଡ଼ିଛି । ଆଜି ମଧ୍ୟ ବୋରିଗୁମ୍ମା ବ୍ଲକ୍‌ରୁ ୧୫ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଏଭଳି ସ୍ଥିତିରେ କରୋନାର ସଂକ୍ରମଣକୁ କମାଇବା ପାଇଁ ସରକାର ମାସ୍କ ପରିଧାନକୁ ବାଧ୍ୟତାମୂଳକ କରିବା ସଙ୍ଗେସଙ୍ଗେ ସାମାଜିକ ଦୂରତା ପାଳନ କରିବା । ନିଜ ହାତକୁ ସଫା ରଖିବା, ସାନିଟାଇଜରେ ସଫା କରିବା । ଭୋଜି ଭାତ ଓ ବାହାଘରରେ ଜନଗହଳି ନକରିବା ପାଇଁ ବାରମ୍ବାର ଘୋଷଣା କରିଛନ୍ତି । ଏସବୁ ସତ୍ୱେ ମଧ୍ୟ ଗ୍ରାମାଂଚଳରେ ଲୋକେ ସଚେତନର ଅଭାବ ପରିଲକ୍ଷିତ ହେଉଛି । ଯାହାକୁ ନେଇ ଆଜି ବୋରିଗୁମ୍ମା ବ୍ଲକ୍‌ର ଗ୍ରାମାଂଚଳ ତଥା ଉପାନ୍ତ ଅଂଚଳ ଲୋକଙ୍କୁ କରୋନାର ସଚେତନ କରିବା ପାଇଁ ଆଜି ବୋରିଗୁମ୍ମା ହର୍ଷାଟ୍ରଷ୍ଟ ସଂଗଠନ ତରଫରୁ ଏକ ନିଆରା ପ୍ରୟାସ ଆରମ୍ଭ କରାଯାଇଛି । ଗ୍ରାମାଂଚଳର ଲୋକଙ୍କୁ ଗାଁ ଗାଁ ବୁଲି ବୁଲି କରୋନାର ସଚେତନ କରାଇବ ସଚେତନ ରଥ । ଆଜି ହର୍ଷାଟ୍ରଷ୍ଟର ମୁଖ୍ୟ ରାଜେଶ ବାରିକଙ୍କ ତତ୍ୱାବଧାନରେ ବୋରିଗୁମ୍ମା ଥାନା ପରିସର ମଧ୍ୟରେ ଦୁଇଟି ସଚେତନ ରଥର ଶୁଭାରମ୍ଭ ହୋଇଛି । ବୋରିଗୁମ୍ମା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ ଏହି ରଥର ଶୁଭାରମ୍ଭ କରିଛନ୍ତି । ଏହି ରଥ ଗାଁ ଗାଁ ବୁଲି ଲୋକଙ୍କୁ କରୋନା ସଚେତନର ବାର୍ତ୍ତା ଦେବ ଆଉ ଏହାଦ୍ୱାରା ଉପାନ୍ତ ଅଂଚଳର ଲୋକଙ୍କୁ ସଚେତନ କରାଇବା ପାଇଁ ଏଭଳି ପ୍ରୟାସ କରାଯାଉଛି ବୋଲି ଟ୍ରଷ୍ଟର କର୍ମକର୍ତ୍ତା କହିଛନ୍ତି ।

## ୨୪ ଘଂଟା ମଧ୍ୟରେ ବରଗଡ଼ ଜିଲ୍ଲାରେ ମାସ୍କ ନପିନ୍ଧିବା କାରଣରୁ ୩୪ ହଜାର ୨୦୦ ଟଙ୍କା ଜରିମାନା ଆଦାୟ

ବରଗଡ,୧୫/୫ (ନି.ପ୍ର): ଗତ ୨୪ଘଂଟା ମଧ୍ୟରେ ବରଗଡ଼ ଜିଲ୍ଲାରେ ମାସ୍କ ନପିନ୍ଧିଥିବା କାରଣରୁ ୩୪ହଜାର ୨୦୦ ଟଙ୍କା ଜୋରିମାନା ଆଦାୟ କରାଯାଇଛି । ସେହିପରି ସାମାଜିକ ଦୂରତ୍ୱ ରକ୍ଷା କରୁନଥିବା କାରଣରୁ ୧୪ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିବା ବରଗଡ଼ ଏସ୍‌ପିଙ୍କ ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ଏହି ଅବଧି ମଧ୍ୟରେ ବିଭିନ୍ନ ଯାନବାହନରୁ ଜରିମାନା ବାବଦରେ ୩୭ହଜାର ୫୦୦ ଟଙ୍କା ଆଦାୟ କରାଯାଇଥିବାବେଳେ ୪ଟି ଅବକାରୀ ମାମଲା ରୁଜୁ କରାଯାଇଛି ।

## ମଦ ଦୋକାନରୁ ଲୁଟ୍ ଘଟଣାର ପର୍ଦ୍ଦାଫାସ : ୮ ଜଣଙ୍କୁ ଗିରଫ କଲା ପୋଲିସ

କନ୍ଧମାଳ,୧୫/୫ (ନି.ପ୍ର): କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ଥାନା ଅଂଚଳରେ ଗତ ୧୦ ତାରିଖରେ ଏକ ମଦ ଦୋକାନରୁ ୬ ଲକ୍ଷ ଟଙ୍କାର ମଦ ଲୁଟ୍ ଘଟଣାର ପର୍ଦ୍ଦାଫାଶ କରିଛି ପୋଲିସ । ଘଟଣାରେ ତୁମୁଡ଼ିବନ୍ଧ ଥାନା ପୋଲିସ ୮ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନଙ୍କ ମଧ୍ୟରୁ ୫ ଜଣ ତୁମୁଡ଼ିବନ୍ଧ ଅଂଚଳର ହୋଇଥିବା ବେଳେ ଅନ୍ୟ ୩ ଜଣ ବାଲିଗୁଡ଼ା ଅଂଚଳର ବୋଲି ପୋଲିସ ସୂତ୍ରରୁ ଜଣାପଡିଛି । ଅନ୍ୟପକ୍ଷରେ ମାମଲାରେ ଆହୁରି ଅଧିକ ଲୋକଙ୍କ ସମ୍ପୃକ୍ତି ରହିଥିବା ନେଇ ପୋଲିସ ତଦନ୍ତରୁ ଜାଣିବାକୁ ପାଇଛି । ପୋଲିସ ପକ୍ଷରୁ ଘଟଣା ସମ୍ପର୍କରେ ଅଧିକ ତଦନ୍ତ ଜାରୀ ରହିଛି । ଲୁଟ୍ ପରେ ଦୋକାନ ମାଲିକ ଲଡ୍ଡୁକିଶୋର ସାହୁଙ୍କ ଅଭିଯୋଗ କ୍ରମେ ତୁମୁଡ଼ିବନ୍ଧ ଥାନା ଅଧିକାରୀ ବାବା ଶଙ୍କର ସରାଫ ଘଟଣାସ୍ଥଳରେ ପହଂଚି ଛାନଭିନ୍ କରିଥିଲେ । ଏବଂ ଏ ସଂକ୍ରାନ୍ତରେ ଏକ ମାମଲା ରୁଜୁ କରି ତଦନ୍ତ ଜାରୀ ରଖିଥିଲେ ।

## ଶିଶୁମାନଙ୍କୁ ଅଙ୍ଗନବାଡ଼ି ଜରିଆରେ ମାଗଣାରେ ମାସ୍କ ଯୋଗାଇ ଦେବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର,୧୫/୫ (ନି.ପ୍ର): ଆଜିର ଶିଶୁ ଆସନ୍ତା କାଲିର ନାଗରିକ, ଏ ଦେଶର ଭବିଷ୍ୟତ । ତାଙ୍କର ଅମୂଲ୍ୟ ଜୀବନକୁ ସୁରକ୍ଷା ଦେବା ପାଇଁ ଭୟଙ୍କର କରୋନା ସଂକ୍ରମଣରୁ ଶିଶୁମାନଙ୍କୁ ରକ୍ଷା କରିବା ପାଇଁ ଦୁଇବର୍ଷରୁ ଉର୍ଦ୍ଧ୍ୱ ଶିଶୁମାନେ ମାସ୍କ ପରିଧାନ କରିବା ଜରୁରୀ ବୋଲି ସ୍ୱାସ୍ଥ୍ୟ ବିଭାଗର ମାର୍ଗଦର୍ଶିକାରେ ଗତକାଲି କୁହାଯାଇଛି । ତେଣୁ ରାଜ୍ୟର ପାଖାପାଖି ଏକକୋଟି ଶିଶୁଙ୍କୁ ମାଗଣାରେ ମାସ୍କ ଯୋଗାଇ ଦେବା ପାଇଁ ସମାଜବାଦୀ ପାର୍ଟି ଓଡ଼ିଶା ରାଜ୍ୟ କମିଟି ଦାବି କରିଛି । ପାର୍ଟିର ରାଜ୍ୟ ସଭାପତି ରବି ବେହେରା ଆଜି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ସବୁବେଳେ ମହିଳା ସଶକ୍ତିକରଣ ଏବଂ ଶିଶୁମାନଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଆସିଛନ୍ତି । ସବୁ ଶିଶୁଙ୍କୁ ମାସ୍କ ପିନ୍ଧାଇବାକୁ ହେଲେ ରାଜ୍ୟ ସରକାର ଅଙ୍ଗନବାଡ଼ି ଜରିଆରେ ମାଗଣାରେ ମାସ୍କ ଯୋଗାଇ ଦେବାକୁ ଶ୍ରୀ ବେହେରା ଦାବି କରିଛନ୍ତି । ଆଶା କରାଯାଏ ଶିଶୁମାନଙ୍କର ସ୍ୱାସ୍ଥ୍ୟକୁ ଆଖି ଆଗରେ ରଖି ରାଜ୍ୟ ସରକାର ତୁରନ୍ତ ମାଗଣାରେ ମାସ୍କ ଯୋଗାଇ ଦେବା ପାଇଁ ପଦକ୍ଷେପ ଗ୍ରହଣ କରି ଏ ଦିଗରେ ଏକ ନୂଆ ଉଦାହରଣ ସୃଷ୍ଟି କରିବେ । ଆଜି ଏ ସଂକ୍ରାନ୍ତରେ ଶ୍ରୀ ବେହେରା ମୁଖ୍ୟମନ୍ତ୍ରୀଙ୍କୁ ଟୁଇଟ୍ କରି ଶିଶୁମାନଙ୍କୁ ମାଗଣା ମାସ୍କ ଯୋଗାଇ ଦେବା ପାଇଁ ଦାବି କରିଛନ୍ତି ।


ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,ରବିବାର, ୧୭ ମଇ, ୨୦୨୧

email : rabibarachayan2015@gmail.com


ଧାରାବାହିକ : ଜୀବନାନୁଭୂତି

# ମୋର ପୂର୍ବ ସ୍ମୃତି କଥା



ବାଲେଶ୍ୱରରେ ପ୍ରଥମଥର ୧୯୧୫ ମସିହାରେ ତୃତୀୟଶ୍ରେଣୀ ମାଜିଷ୍ଟ୍ରେଟ ଓ ଦ୍ୱିତୀୟଥର ୧୯୩୧ ମସିହାରେ ଡେପୁଟି ମାଜିଷ୍ଟ୍ରେଟ ପଦରେ ଅବସ୍ଥାପିତ ହୋଇଥିବା ଭାରତଚନ୍ଦ୍ର ନାୟକଙ୍କ ରଚିତ 'ପୂର୍ବ ସ୍ମୃତିକଥା' ୧୯୬୬ରେ ପୁସ୍ତକ ଆକାରରେ ପ୍ରକାଶିତ ହୋଇ ତା' ପରବର୍ଷ ଓଡିଶା ସାହିତ୍ୟ ଏକାଡେମୀ ଦ୍ୱାରା ସମ୍ମାନିତ ହେବା ମନନଶୀଳ ପାଠକଙ୍କ ପାଇଁ ଆଣିଦେଇଥିଲା ଗୋଟେ ପ୍ରକାର ଆଶ୍ୱସ୍ତି । ଏହି ପୁସ୍ତକରେ ଅଛି ରାଜା ରାଜୁଡା ସମୟର ଇତିହାସ, ଅଛି ସାମାଜିକ ଚେତନା, ଅଛି ମଧ୍ୟ ଉଚ୍ଚାଙ୍ଗ ସାହିତ୍ୟ । ଆଜି ବି ଆମ ସମାଜରେ ନାରୀ ନିର୍ଯ୍ୟାତନାର ଚିତ୍ର ସର୍ବତ୍ର ଦେଖିବାକୁ ମିଳୁଥିବା ବେଳେ ସେ ସମୟରେ ନାରୀମାନଙ୍କ ପାଇଁ ସେ ଦେଖିଥିବା ସ୍ୱପ୍ନ, ସମ୍ବେଦନଶୀଳ ମନୋଭାବ, ନାରୀଶିକ୍ଷା ପ୍ରତି ତାଙ୍କର ପ୍ରେରଣା ତାଙ୍କୁ ସ୍ମରଣୀୟ କରି ରଖିଛି । ଶ୍ରୀଯୁକ୍ତ ନାୟକଙ୍କର 'ମୋର ପୂର୍ବ ସ୍ମୃତିକଥା' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...

ଭାଗ-୨୭

(ପୂର୍ବ ପ୍ରକାଶିତ ଉତ୍ତାରୁ...)

ସେତେବେଳକୁ ଅନୁଗୁଳରେ ଶିକ୍ଷା ପ୍ରସାର ସେତେ ହୋଇନାହିଁ । ସମଗ୍ର ଜିଲ୍ଲା ମଧ୍ୟରେ ଅନୁଗୁଳ ଟାଉନରେ ଏକମାତ୍ର ମଧ୍ୟ ଇଂରାଜୀ ସ୍କୁଲ । ମଫସଲରେ ଗୋଟାକେତେ ଉଚ୍ଚପ୍ରାଥମିକ ଓ ନିମ୍ନ ପ୍ରାଥମିକ ସ୍କୁଲ । ସ୍କୁଲ ସମୂହର ଡେପୁଟି ଇନସ୍‌ପେକ୍ଟର ଶ୍ରୀ ଶ୍ରୀନିବାସ ସିଂହ, ଅନୁଗୁଳବାସୀ । ଜଣେ ସୁଦ୍ଧା ଗ୍ରାଜୁଏଟ୍ ନଥିଲେ । କଚେରୀରେ କର୍ମଚାରୀ ପ୍ରାୟ ସମସ୍ତେ କଟକ ଅଞ୍ଚଳର ।

ଅନୁଗୁଳବାସୀଙ୍କ ମଧ୍ୟରେ ଚଷାମାନଙ୍କ ସଂଖ୍ୟା ଅଧିକ । ଅଳ୍ପ ସଂଖ୍ୟକ ବ୍ରାହ୍ମଣ ଓ କରଣ, ପାଞ୍ଚଗଡ଼ ପରଗଣା ପାଇକ କ୍ଷତ୍ରିୟମାନେ ପ୍ରଭାବଶାଳୀ ।

ପାଣଙ୍କ ସଂଖ୍ୟା କମ୍ ନୁହେଁ । ପ୍ରାୟ ପ୍ରତ୍ୟେକ ଗ୍ରାମରେ ପାଣମାନେ ବାସ କରନ୍ତି । ପ୍ରାୟ ସମସ୍ତ ପାଣଙ୍କ ବ୍ୟବସାୟ ଥିଲା ଚୋରୀ, ଡକାୟତି ପ୍ରଭୃତି ଉପଦ୍ରବ । ତେଣୁ ସମସ୍ତ ବୟଃପ୍ରାପ୍ତ ପାଣଙ୍କୁ ସେମାନେ ରହୁଥିବା ଗ୍ରାମସ୍ଥ 'କୋଠା ଘର'ରେ ରାତ୍ରରେ ଶୋଇବା ନିୟମ ଥିଲା । ପ୍ରତି ଗ୍ରାମରେ ଏହି ଘର ଥାଏ; ଦୋଷୀ, ନିର୍ଦ୍ଦୋଷ, ଚୋର, ଭଲ, ମନ୍ଦ, ସଚ୍ଚରିତ୍ର, ଅସଚ୍ଚରିତ୍ର ପ୍ରାପ୍ତବୟସ୍କ ପାଣଙ୍କୁ ଏହି ଘରେ ପୂରାଇ ରଖାହୁଏ ଓ ସେମାନଙ୍କୁ ଜଗିବାପାଇଁ ଜଣେ ଲେଖାଏଁ ଜଗୁଆଳି ନିଯୁକ୍ତ ଥାଆନ୍ତି । ଅନୁଗୁଳରେ ମୁଁ ୧୯୧୧ରୁ ୧୯୧୪ ସାଲ ପର୍ଯ୍ୟନ୍ତ ରହିଲି । ଏହି ସମୟରେ ସୁଦ୍ଧା ପାଣଙ୍କ ଉପଦ୍ରବ ଏତେ ଅତ୍ୟଧିକ ଥିଲା ଯେ ଜିଲ୍ଲାବାସୀ କାହିଁକି, ଆଖପାଖ ଅଞ୍ଚଳର ଲୋକେ ଏଥିରେ ଅତ୍ୟନ୍ତ ଅସ୍ଥିର ହୋଇ ପଡ଼ିଲେ । ଘନ ଘନ ଦଳ ଦଳ ପାଣ ଭିନ୍ନ ଭିନ୍ନ ଅପରାଧ ଧୃତ ହୋଇ ଅଦାଲତରେ ଦଣ୍ଡିତ ହେଲେ । ଅନେକଙ୍କୁ ଆସାମ ପ୍ରଦେଶସ୍ଥ ଚା' ବଗିଚାକୁ କୁଲି ସ୍ୱରୂପ ଦିଆହେଲା । ପରେ ସରକାର ଏମାନଙ୍କ ଅବସ୍ଥାରେ ଅନୁସନ୍ଧାନ ଓ ଉନ୍ନତିର ଉପାୟ ଉଦ୍ଭାବନ କରିବା ସକାଶେ ମି. ମେହେତା ନାମକ ଜଣେ ଆଇ.ଏ.ଏସ୍. ଅଫିସରଙ୍କୁ ନିଯୁକ୍ତ କଲେ। ଏମାନଙ୍କ ବିଷୟ ତଦନ୍ତ କରୁଥିବା ସମୟ ମଧ୍ୟରେ ମି. ମେହେତା ବନ୍ତଲା ଡାକବଙ୍ଗଳାରେ ରହି କୌଣସି ଅଜ୍ଞାତ କାରଣରୁ ନିଜ ବନ୍ଧୁକ ଗୁଳି ଦ୍ୱାରା ଆତ୍ମହତ୍ୟା କଲେ । ତଦନ୍ତ ବନ୍ଦ ହେଲା । କିନ୍ତୁ କ୍ରମେ କ୍ରମେ କୋଠାଘର ଉଠାଇ ଦିଆଗଲା । ପାଣମାନଙ୍କୁ ଜମିବାଡ଼ି ଦେଇ ଚାଷ କାର୍ଯ୍ୟରେ ସେମାନଙ୍କୁ ଉତ୍ସାହ ଦିଆଗଲା । ତଥାପି ଅନେକ ସ୍ଥାନରେ ଦେଖାଗଲା, ଏମାନଙ୍କ ଅଭ୍ୟାସର ପରିବର୍ତ୍ତନ ଆଦୌ ହେଲାନାହିଁ । ଦିନେ ସଦର ଡାକ୍ତରଖାନାକୁ ଜଣେ କଟାଗୋଡ଼ ପାଣକୁ ପୋଲିସ ଜିମାରେ ଅଣାହେଲା । ଜଣାଗଲା, ସେ ରାତିରେ ଗୋଟିଏ ଘରେ ସିନ୍ଧିଖୋଳି ଗୋଡ଼ ଦେଇ ଗାତ ମଧ୍ୟରେ ପ୍ରବେଶ କରୁଥିବା ସମୟରେ ଗୃହସ୍ୱାମୀ ତାଙ୍କୁ ଦେଖିପାରି ଟାଙ୍ଗୀରେ ତାହାର ଗୋଡ଼ କାଟିଦେଇଥିଲେ । ଦିନେ ଛେଣ୍ଡିପଦା ମୁକାମରେ ପତିତ ଓ ଅନ୍ୟ ପ୍ରକାର ଜମିର ଦରଖାସ୍ତକାରୀମାନେ ଦରଖାସ୍ତର ତଦନ୍ତ ସମୟରେ ଏମାନଙ୍କ ମଧ୍ୟରେ ଗୋବରା ପାଣକୁ ଦଶମାଣ ଜମି ଦେବା ବ୍ୟବସ୍ଥା କରିଥିଲି ! ଗୋବରା ଦଶବର୍ଷକାଳ ଜେଲ୍‌ରେ କଟାଇ ଫେରିଥିଲା । ଆଉ ଜେଲ୍‌କୁ ନଯାଇ ଜମିବାଡ଼ି ନେଇ ଚାଷକରି ରହିବା ସକାଶେ କେତେ ଉପଦେଶ ଦେଇଥିଲି ଓ ସେ ମଧ୍ୟ ଆଉ ସେପରି କରିବ ନାହିଁ ବୋଲି ପ୍ରକାଶ କରିଥିଲା । କିନ୍ତୁ ମୁକାମ ମୁଁ ପରିତ୍ୟାଗ କରିନଥିଲି । ପରଦିନ ତାହାର ଲାସ୍ ପୋଲିସପାଖକୁ ଅଣାହୋଇଥିଲା । ଦେଖିଲି, ହାତଗୋଡ଼ ଚୂନାହୋଇ ମାଡ଼ରେ ଦେହ ମେଞ୍ଚାମେଞ୍ଚି ହୋଇଯାଇଛି । ପୂର୍ବରାତ୍ରରେ ତାହାର ଦଳ ସହ ସେ ଗୋଟିଏ ଘରକୁ ଡକାୟତି କରିବା ସକାଶେ ପଶିଥିବା ସମୟରେ ଗୃହସ୍ୱାମୀର ଭାଇମାନଙ୍କ ମଧ୍ୟରୁ ଜଣେ ଦଳର ଜଣକୁ ଧରି ତଳେ କଚାଡ଼ି ଦେଲା ଓ ତାକୁ ନିଜ ଦେହ ଉପରେ ରଖି ଦୃଢ଼ ଭାବରେ ହାତରେ ବନ୍ଧନ କରି ରଖିଲା । ଡକାୟତ ଦଳର ଲୋକେ ଗୃହସ୍ୱାମୀ ଉପରେ ଥିବା ମନେକରି ଲାଠିରେ ତାକୁ ପ୍ରହାର କରିବାକୁ ଲାଗିଲେ ଓ ପରେ ତାହାକୁ ନିରବ ଦେଖି ପଳାଇଲେ । ଦେଖାଗଲା ପ୍ରହାର ଖାଇଥିବା ଲୋକଟି ଗୋବରା ପାଣ । ତାହାର ମୃତ୍ୟୁ ହୋଇଅଛି । ପରେ Salvation Army ପାଣମାନଙ୍କ ଭାର ଗ୍ରହଣ କଲେ ଓ ଏମାନଙ୍କ ତତ୍ପରତା ସହତତ୍ତ୍ୱାବଧାନରେ ପାଣମାନେ ଚୋରୀ ଡକାୟତି ତ୍ୟାଗକରି ଉନ୍ନତିମୂଳକ ବ୍ୟବସାୟରେ ମନୋନିବେଶ କରିବାକୁ ଲାଗିଲେ । ଆଜିକାଲି ଅନୁଗୁଳର ପାଣମାନଙ୍କ ଚୋରି କାମ ବନ୍ଦ, ଆଉ ଶୁଣାଯାଏ ନାହିଁ ।

ଡେପୁଟି କମିଶନର ଟେଲର ସାହେବଙ୍କ ଛଡ଼ା ଅନୁଗୁଳରେ ସବ୍‌ଡିଭିଜନାଲ୍ ଅଫିସର, ସବ୍‌ଡେପୁଟି କଲେକ୍ଟର ଶ୍ରୀ ଚିନ୍ତାମଣି ଆଚାର୍ଯ୍ୟ ଓ ମୁଁ ଥିଲୁଁ । ୧୯୧୨ ମସିହାରେ ହାତୀଖେଦା ପରେ ଶ୍ରୀ ଉମାଚରଣ ଦାସ ଖେଦା ଅଫିସର ହୋଇ ଆସିଲେ । ଏମାନଙ୍କ ଛଡ଼ା ଅଫିସରମାନଙ୍କ ମଧ୍ୟରେ ଜଙ୍ଗଲ ବିଭାଗର ଭାରପ୍ରାପ୍ତ ଲଖପତ୍ ରାୟ ସବରଓ୍ୱାଲ । ସହରର ଆସିଷ୍ଟାଣ୍ଟ ସର୍ଜନ ଡାକ୍ତର ସତୀଶଚନ୍ଦ୍ର ମୁଖାର୍ଜୀ । ଆସିଷ୍ଟାଣ୍ଟ ଇଂଜିନିୟର କ୍ଷୀରୋଦଚନ୍ଦ୍ର ମୁଖାର୍ଜୀ । ୧୯୧୩ ମସିହାରେ ଡାକ୍ତର ସତୀଶଚନ୍ଦ୍ର ମୁଖାର୍ଜୀ ବଦଳି ହୋଇଗଲା ପରେ ତାଙ୍କ ସ୍ଥାନରେ ଆସିଲେ ସମ୍ବଲପୁରବାସୀ ଡାକ୍ତର ସନାତନ ପୂଜାରୀ (ପରେ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ୍ କଲେଜରେ ଅଧ୍ୟକ୍ଷ) । ଆମ୍ଭେମାନେ ସମସ୍ତେ ପରମ ପ୍ରୀତି ସହକାରେ ଆମ୍ଭମାନଙ୍କ ସାମାଜିକ ଜୀବନ ସ୍ୱଳ୍ପ ପରିସର ମଧ୍ୟରେ ଯାପନ କରୁଥିଲୁଁ ।

୧୯୧୧ ମସିହା ଶେଷ ଆଡ଼କୁ ପ୍ରାଇସ୍ ସାହେବ (J.H. Price) ସବ୍‌ଡିଭିଜନାଲ୍ ଅଫିସର ହୋଇ ଆସିଥିଲେ । ସେ ଥିଲେ ଜଣେ ଖାମ୍‌ଖିଆଲିଆ ଲୋକ । ସଙ୍ଗେ ତାଙ୍କ ସ୍ତ୍ରୀ, ଦୁଇଗୋଟି ନାବାଳକ ପୁଅ ଓ ଗୋଟିଏ ଝିଅ ଥିଲେ । ସେ ମାଙ୍କଡ଼, ଛେଳି, ବିରାଡ଼ି, ଭାଲୁ, ଶୁଆ, ଶାରୀ ପାଳିଥିଲେ । ସେତେବେଳେ ମୋଟରର ବ୍ୟବହାର ନଥିଲା । ଗସ୍ତକୁ ଗଲେ ଆମ୍ଭେମାନେ ସାଧାରଣତଃ ବଳଦଗାଡ଼ି ବ୍ୟବହାର କରୁଥିଲୁଁ, ଘୋଡ଼ାଗାଡ଼ିର ବ୍ୟବହାର ମଧ୍ୟ ଥାଏ । ଡେପୁଟି କମିଶନର ଓ ସବ୍‌ଡିଭିଜନାଲ୍ ଅଫିସର ହାତୀରେ ଗସ୍ତ କରନ୍ତି । ମୋର ଗସ୍ତ ପ୍ରାୟ ବାଇସାଇକେଲ୍‌ରେ । ଗସ୍ତକୁ ଗଲେ ପ୍ରାଇସ୍ ସାହେବ ସପରିବାରେ ଯାଆନ୍ତି । ଜିନିଷପତ୍ର ବଳଦ ଗାଡ଼ିରେ ଯେତେବେଳେ ବୋଝେଇକରି ବାହାରନ୍ତି, ମନେହୁଏ ଗୋଟିଏ ସର୍କସ୍ ଦଳ ବାହାରୁଛି । ତାଙ୍କ ଦେହର ବର୍ଣ୍ଣ ଦେଖିଲେ ମନେହୁଏ ସେ ଫିରିଙ୍ଗି । କିନ୍ତୁ ସେ ନିଜେ କହନ୍ତି, ସେ ଜଣେ ଖାଣ୍ଟି ଆୟାର୍‌ଲାଣ୍ଡ୍‌ବାସୀ । ସେ ବଙ୍ଗ ପ୍ରଦେଶର ଜଣେ ଡେପୁଟି କଲେକ୍ଟର ଥିଲେ । ଏହାଙ୍କ ତୁଲ୍ୟ ଆହୁରି ଜଣକେତେ ଶ୍ୱେତାଙ୍ଗ ଓ ଅର୍ଦ୍ଧଶ୍ୱେତାଙ୍ଗ ସାହେବ ଡେପୁଟି ଓ ସବ୍‌ଡେପୁଟି ପଦରେ ରହିଥିଲେ ।

ପ୍ରାଇସ୍ ସାହେବଙ୍କ ପ୍ରକୃତି ଅତ୍ୟନ୍ତ ଉଗ୍ର ଥିଲା । ମନ ହେଲେ କଚେରୀରେ ସୁଦ୍ଧା ସେ ପକ୍ଷୀମାନଙ୍କୁ ପ୍ରହାର କରୁଥିଲେ । ସ୍କୁଲର ଶିକ୍ଷକଙ୍କ ପରି କଚେରୀରେ ସେ ଗୋଟିଏ ବେତ ରଖୁଥିଲେ ଓ ମୋକଦ୍ଦମା ବିଚାର ସମୟରେ କୌଣସି ସାକ୍ଷ୍ୟ ମିଥ୍ୟା କହୁଥିବା ମନେହେଲେ କିମ୍ବା ଅନ୍ୟ କୌଣସି କାରଣରେ ସୁଦ୍ଧା ତାକୁ ତହିଁରେ ଆଘାତ କରୁଥିଲେ । ଦିନେ ସେ ଓ ମୁଁ ଏକତ୍ର ବଅଁରପାଳ ମୁକାମରେ ଥିବା ସମୟରେ ଜଣେ ଲୋକଙ୍କୁ ଏଡ଼େ ନିଷ୍ଠୁର ଭାବରେ ବେତ୍ରାଘାତ କରିବାକୁ ଲାଗିଲେ ଯେ, ମୁଁ ତାଙ୍କ ହାତର ବେତ ଛଡ଼ାଇ ନେଇଥିଲି ଓ ତାଙ୍କ ବ୍ୟବହାରରେ ପ୍ରତିବାଦ କରିଥିଲି । ଜଣେ ଲୋକର ନିଶକୁ ଦିଆସିଲାଇରେ ପୋଡ଼ି ଦେଇଥିଲେ ଓ ଜଣେ ଲୋକର ଦୁଇଗୋଡ଼ ଦଉଡ଼ିରେ ବାନ୍ଧି ଗୋଟିଏ କୂପ ମଧ୍ୟରେ କିଛି ସମୟ ପର୍ଯ୍ୟନ୍ତ ତାକୁ ଝୁଲେଇ ଦେଇଥିଲେ । ତାଙ୍କର ଗୋଟିଏ ପୁଅ ତାଙ୍କ ବିରାଡ଼ିକୁ ବେତରେ ମାରିଥିବାରୁ ତାହାର ନାକ ଭିତରେ ପିଚକାରୀ ଦ୍ୱାର ଗରମପାଣି ପୂରାଇ ଦେଇଥିଲେ ।

ଏପରି ଆଉ କେତେଜଣ ଲୋକଙ୍କ ପ୍ରତି ଅମାନୁଷିକ ବ୍ୟବହାର ଅବାଧରେ ଚାଲିଥାଏ । ଅନୁଗୁଳର ଶାସନ ଗଡ଼ଜାତ ଶାସନରୁ ବଳେ । କିଏ କାହା କଥା, ହାରିଗୁହାରି ଶୁଣିଛି ? ପ୍ରଜାମାନେ ପଶୁତୁଲ୍ୟ ନିରବ । ପାଟି ଫିଟାଇଲେ ଅନୁଗୁଳ ରେଗୁଲେସନ କୌଣସି ଦଫାରେ ପଡ଼ିଯିବା ଭୟ ।

ମୋ ସହିତ ତାଙ୍କର ଗୋଟିଏ ଅପ୍ରୀତିକର ଘଟଣା ଘଟିଥିଲା । ସେଦିନ ମୁଁ ଗସ୍ତରେ ୧୭ ମାଇଲ ଦୂରରେ କୋଶଳା ଗ୍ରାମରେ ଥିଲି । ମୋ ସହଧର୍ମିଣୀଠାରୁ ଖଣ୍ଡେ ପତ୍ର ପାଇ ମୁଁ ଘରକୁ ଫେରିଆସିଲି ଓ ପତ୍ରରେ ଲିଖିତ ବିଷୟରେ ତଦନ୍ତ କଲି । ତଦନ୍ତରୁ ଜାଣିଲି, ପୂର୍ବରାତ୍ରରେ ମୋର ଗୋଟିଏ ଗାଈ ଗୁହାଳରୁ ଫିଟି ପ୍ରାଇସ୍ ସାହେବଙ୍କ ବଗିଚାକୁ ଚାଲିଗଲା ଓ ବଗିଚାର କିଛି ପରିବା ଓ ଫୁଲଗଛ ନଷ୍ଟ କରିଦେଲା ।

(କ୍ରମଶଃ)

## ପର୍ଦ୍ଦା ପଛର କଥା -୧



ଓଡ଼ିଆ ଚଳଚ୍ଚିତ୍ରର ଗୀତିକାର, ସଂଳାପକାର, କାହାଣୀ ଓ ପଟ୍ଟକଥା ଲେଖକ ଭାବରେ ଡ. ରଜନୀରଂଜନଙ୍କ ସର୍ବକାଳୀନ ରେକର୍ଡ। ପ୍ରାୟ ୭୦ଟିରୁ ଉର୍ଦ୍ଧ୍ୱ ଚଳଚ୍ଚିତ୍ରରେ ତାଙ୍କର ସଂପୃକ୍ତି। ଦୁଇ ଦୁଇଥର ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ। ଓଡ଼ିଆ ଚଳଚ୍ଚିତ୍ରର ବିକାଶର ଧାରାରେ ଘଟଣା, ଦୁର୍ଘଟଣା, ଅଭିଜ୍ଞତାର ତିକ୍ତ ମଧୁର ଅନୁଭୂତିକୁ ପ୍ରକାଶ ପାଇଁ ଧ୍ୱନି ପ୍ରତିଧ୍ୱନିର ଏ ପ୍ରୟାସ।

### ॥ ମୋ ପ୍ରଥମ ଚଳଚ୍ଚିତ୍ର 'ଏଇ ସଂଘର୍ଷ' ॥

୧୯୮୯ ମସିହା। ତାରିଖ ଠିକ୍ ମନେ ନାହିଁ। ଭୁବନେଶ୍ୱରରେ ଠିକ୍ ଶିଶୁଭବନ ଛକ ପାଖରେ ଦେଖା ହୋଇଗଲେ ନାରଣ ଭାଇନା। (ନାରାୟଣ ରଥ)। କଲେଜରେ ସେ ମୋ ଠାରୁ ଦୁଇ ବର୍ଷ ସିନିୟର ଥିଲେ। ରାଜଧାନୀ କଲେଜରେ ବି.ଏ. ପଢ଼ିବା ସହିତ ସଂଗୀତ ନାଟକ ମହାବିଦ୍ୟାଳୟରେ ଓଡ଼ିଶୀ ସଂଗୀତର ଛାତ୍ର। ନାଟକରେ ଓ ଦଳଗତ ସଂଗୀତ ନିର୍ଦ୍ଦେଶନା ଦେଉଥାନ୍ତି। କେତୋଟି ନାଟକରେ ମତେ ପୂର୍ବରୁ ଗୀତ ଲେଖିବାକୁ ଡାକିଥାନ୍ତି। ତେଣୁ ପରିଚୟ ନିବିଡ଼।

ହଠାତ୍ ନାରଣ ଭାଇନା କହିଲେ, "ତମେ ଫିଲ୍ମରେ ଗୀତ ଲେଖିବ ?"

ଏ ପ୍ରଶ୍ନରେ ଆଶ୍ଚର୍ଯ୍ୟ ଓ ଉତ୍ତେଜିତ ହେବାର କାରଣ ଯଥେଷ୍ଟ ଥିଲା। କାରଣ ନନା ରବି ଦାଶ ଭୁବନେଶ୍ୱରରେ ଜଣେ ମଂଚ ଗୀତିକାରର ସ୍ୱୀକୃତି ପାଇ ସାରିଥିଲେ ହେଁ ଚଳଚ୍ଚିତ୍ରରେ ସୁଯୋଗ ପାଇନଥାନ୍ତି। ତେଣୁ ଏହା ମୋ ପାଇଁ ଏକ ଈଶ୍ୱରୀୟ ଆଶୀର୍ବାଦ ଛଡ଼ା ଅନ୍ୟ କିଛି ନଥିଲା।

ସେହିଦିନ ଚଳଚ୍ଚିତ୍ର ନିର୍ଦ୍ଦେଶକ ରଜନୀକାନ୍ତ ସାମନ୍ତରାୟଙ୍କ ସାଥିରେ ତାଙ୍କ ସୁନ୍ଦରପଦାସ୍ଥିତ ବାସଭବନରେ ଭେଟ କରାଇଦେଲେ। ରଜନୀକାନ୍ତ ସାମନ୍ତରାୟ ତା ପୂର୍ବରୁ 'ବଡ଼ଭାଉଜ' ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇ ଲୋକପ୍ରିୟତା ହାସଲ କରିଥାନ୍ତି। ପ୍ରଥମ ଦେଖାରେ ରଜନୀକାନ୍ତ ଓ ଭାଉଜଙ୍କ ବ୍ୟବହାର ଖୁବ୍ ଭଲ ଲାଗିଲା। ପ୍ରଯୋଜକ ବିଜୟ କେତନ ମିଶ୍ରଙ୍କ ଭଉଣୀ ଗାୟିକା ଗୀତା ଷଡ଼ଙ୍ଗୀଙ୍କର ବିଜେବି କଲେଜସ୍ଥିତ ବାସଭବନରେ ମ୍ୟୁଜିକ୍ ସିଟିଂ ଆରମ୍ଭ ହେଲା। ଗୀତା ମ୍ୟାଡାମଙ୍କର ଗୀତ ଗାଇବାରେ ରୁଚି ଥିଲା। ଗୁରୁ ଥିଲେ ଗୋପାଳ ଚନ୍ଦ୍ର ପଣ୍ଡା। ଦିନେ କୌଣସି କାରଣରୁ ନାରଣ ଭାଇନା ଓ ଗୀତା ମାଡାମଙ୍କର ମନୋମାଳିନ୍ୟ ହେଲା। ଫଳରେ ଗୀତା ମାଡାମ୍ ଗୋପାଳ ପଣ୍ଡାଙ୍କୁ ସଂଗୀତ ନିର୍ଦ୍ଦେଶକ ଭାବରେ ନେବାକୁ ଚାହିଁଲେ ଓ ତାଙ୍କୁ ଡାକି ଗୀତ କଂପୋଜ ଆରମ୍ଭ କରିଦେଲେ। ମୋର ସିକ୍ୟୁଏନ୍ସ ଥିଲା ନାୟିକା ନାୟକଙ୍କ ପାଇଁ ମା'ଙ୍କ ପାଖରେ ଅଳି କରୁଛି, 'ପାଦତଳେ ତୋର କରୁଛି ଗୁହାରୀ' ମୋର ଫାଷ୍ଟ ଲାଇନ୍ ଥିଲା। ଘରେ ନନା ଗୀତଟିକୁ କରେକ୍ସନ୍ କରି ଦେଇଥିଲେ।

ଗୋପାଳ ପଣ୍ଡା ତାକୁ ସୁନ୍ଦର ଟ୍ୟୁନ୍ କଲେ। ଦୁଇଦିନ ପରେ ଗୀତା ମ୍ୟାଡାମଙ୍କ ଘରେ ପହଂଚି ଦେଖିଲି ମୋ ନନା (ରବି ଦାଶ)ଙ୍କୁ ଗୋପାଳ ପଣ୍ଡା ଡାକିଛନ୍ତ ଅନ୍ୟ ଗୀତ ଗୁଡ଼ିକ ଲେଖିବା ପାଇଁ।

ଇଏ ଏକ ଅଦ୍ଭୁତ ପରିସ୍ଥିତି। ଗୋଟିଏ ଚଳଚ୍ଚିତ୍ରରେ ଆମ ବାପପୁଅଙ୍କ କମ୍ପିଟିସନ୍।

ନାରଣ ଭାଇନାଙ୍କ ଦେଖାନାହିଁ। ନିର୍ଦ୍ଦେଶକ ନୀରବ। ଏହା ଭିତରେ ଗୀତ ରେକର୍ଡ଼ି ପାଇଁ ଦିନ ଧାର୍ଯ୍ୟ ହେଲା କଳିଙ୍ଗ ଷ୍ଟୁଡିଓରେ। ମ୍ୟୁଜିକ୍ ଆରେଞ୍ଜର ସ୍ୱର୍ଗତ ଭୁବନେଶ୍ୱର ମିଶ୍ର। ଇଏ ଆଉଗୋଟେ ସଂଗମ। ଗୀତ ରେକର୍ଡ଼ି ହେଲା। ବାପାଙ୍କ ଗୀତକୁ ଟ୍ୟୁନ୍ କଲେ ଭୁବନେଶ୍ୱର ମିଶ୍ର। ଡୁଏଟ ସଙ୍ଗ୍ ଥିଲା। କିନ୍ତୁ ହଠାତ୍ ମୋର ଅନ୍ୟ ଗୋଟିଏ ଗୀତ 'ମନ ବାତୁଳା- ମିଛ ମାୟା ଏ ସଂସାରେ ନ ବାନ୍ଧ ଭେଳା' ଯାହାକୁ କି ମୁଁ ଏକ ନାଟକ ପାଇଁ ଲେଖିଥିଲି, ନାରଣ ଭାଇନା ଚଳଚ୍ଚିତ୍ର ନିର୍ଦ୍ଦେଶକ ରଜନୀ ବାବୁଙ୍କ ନିର୍ଦ୍ଦେଶରେ ରେକର୍ଡ଼ି କଲେ। ମୋର ଅନ୍ୟ ଗୀତଟି ମଧ୍ୟ ରେକର୍ଡ଼ି ହେଲା ଗୀତା ଷଡ଼ଙ୍ଗୀଙ୍କ କଣ୍ଠରେ।

ସେତେବେଳେ ବାଦ୍ୟଯନ୍ତ୍ର ସହ ସ୍ୱର ଗ୍ରହଣ କରାଯାଉଥିଲା। ରାତି ୧୨ଟାରେ ରେକର୍ଡ଼ି ସରିଲା। ମୁଁ ଖଣ୍ଡଗିରି ନିଛାଟିଆ ରାସ୍ତାରେ ଜଣେ ଫରେଷ୍ଟର ବନ୍ଧୁଙ୍କ ବାଇକରେ ଫେରିଲି। ରାତିରେ ହାତୀ ଭୟ ଥିଲା। ତଥାପି ପ୍ରଥମ ଚଳଚ୍ଚିତ୍ର ଗୀତ ରେକର୍ଡ଼ିର ଉତ୍ତେଜନା ସବୁକୁ ପାରକରି ଯାଇଥିଲା।

ପରବର୍ତ୍ତୀ ସମୟର ଘଟଣାକ୍ରମ ଥିଲା ରୋଚକ ଓ ସଂଘର୍ଷମୟ। ଗୀତା ଷଡଙ୍ଗୀଙ୍କ କଣ୍ଠସ୍ୱର ନିର୍ଦ୍ଦେଶକଙ୍କୁ ଭଲ ନଲାଗିବାରୁ ସେ ଗୀତଟିର ସିକ୍ୟୁଏନ୍ସ ବଦଳାଇ ଦେଲେ ଓ ଗୋଟିଏ ପାର୍ଟରେ ଲୋପିତା ମିଶ୍ରଙ୍କୁ କଣ୍ଠଶିଳ୍ପୀ ଭାବରେ ନିଆଗଲା। ଗୀତା ଷଡ଼ଙ୍ଗୀଙ୍କ ଜିଦ୍ ଯୋଗୁଁ ନାରଣ ଭାଇନାଙ୍କ କଣ୍ଠସ୍ୱରକୁ ବାତିଲ୍ କରାଯାଇ ଅନ୍ୟତମ ଆରେଞ୍ଜର ତାରାକାନ୍ତ ପଣ୍ଡାଙ୍କୁ ଗାୟକ ଭାବରେ ଡବିଂ କରାଗଲା।

ଏହି ଚଳଚ୍ଚିତ୍ର ନିମନ୍ତେ ନାରଣଭାଇନା ଅନ୍ୟ ଗୋଟିଏ ଟ୍ୟୁନ୍ କରିଥିଲେ, ଯାହାର ଲାଇନ୍ ମୁଁ ଲେଖିଥିଲି 'ଚୋରା ଚଇତି ଆଜି ଉଠିଛି ମାତି' ଏବଂ ଶୀର୍ଷକ ଗୀତ ମଧ୍ୟ ଲେଖିଥିଲି।

ମାତ୍ର କିଛିଦିନ ପରେ ଶୁଣିଲି ଶୀର୍ଷକ ଗୀତ ଓ ଦ୍ୱୈତ ସଂଗୀତକୁ ରଚନା କଲେ ଅନ୍ୟଜଣେ ଗୀତିକାର ଚିନ୍ମୟ ହୋତା ଓ ସଂଗୀତ ନିର୍ଦ୍ଦେଶନା ଦେଲେ ସରୋଜ ପଟ୍ଟନାୟକ।

ଚଳଚ୍ଚିତ୍ରର ସର୍ବମୋଟ ୪ଜଣ ସଂଗୀତ ନିର୍ଦ୍ଦେଶକ କାର୍ଯ୍ୟ କରିଥିଲେ ହେଁ ସରୋଜ ପଟ୍ଟନାୟକଙ୍କ ନାମ ସଂଗୀତ ନିର୍ଦ୍ଦେଶକ ଭାବରେ କ୍ରେଡିଟ୍ ଦିଆଗଲା। ଆଶ୍ଚର୍ଯ୍ୟ ଜନକ ଭାବରେ ନନାଙ୍କ ଲିରିକ୍ ନଥିଲେ ମଧ୍ୟ ଗୀତିକାର ଲିଷ୍ଟରେ ନାମ ପରଦାରେ ଦିଆଗଲା।

ଚଳଚ୍ଚିତ୍ରଟିରେ ସଂଳାପ ରଚନା କରିଥିଲେ ନାଟ୍ୟକାର ମନ୍ମଥ ଶତପଥୀ। ତାଙ୍କ ସହ ପରିଚୟ ମୋର ପ୍ରଥମ ଥିଲା। ସେ ନନାଙ୍କର ବଂଧୁ ଥିଲେ। ସବୁଠାରୁ ବଡ଼ କଥା ଥିଲା ଏହି ଚଳଚ୍ଚିତ୍ରରେ ହିନ୍ଦୀ ଚଳଚ୍ଚିତ୍ର ଅଭିନେତ୍ରୀ ଦୀପ୍ତି ନାଭଲ ଅଭିନୟ କରିଥିଲେ ଓ ପୁନେର ବିଶିଷ୍ଟ ମଂଚ ଅଭିନେତା ଶ୍ରୀଯୁକ୍ତ ରାମଚନ୍ଦ୍ର ପ୍ରତିହାରୀ ଏକ ବଳିଷ୍ଠ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ।

ଚଳଚ୍ଚିତ୍ରଟି ବ୍ୟବସାୟିକ ସଫଳତା ପାଇଲା କି ନାହିଁ ଭିନ୍ନ କଥା, ହେଲେ ମତେ ଆଗକୁ ବଢ଼ିବାର ପ୍ରେରଣା ଯୋଗାଇ ଦେଇଥିଲା। ସେଥିପାଇଁ ଆଜି ବି ଚଳଚ୍ଚିତ୍ରଟିର ପ୍ରଯୋଜକ, ନିର୍ଦ୍ଦେଶକ ରଜନୀ ବାବୁ ଓ ନାରାୟଣ ରଥଙ୍କୁ ମୁଁ କୃତଜ୍ଞତା ଜ୍ଞାପନ କରିଆସିଛି।

ପ୍ରଥମ ପ୍ରେମର ସ୍ମୃତି ଭଳି 'ଏଇ ସଂଘର୍ଷ' ଚଳଚ୍ଚିତ୍ରର ସ୍ମୃତି କେବେ ବି ଭୁଲିବାର ନୁହେଁ।

## କବିତା.... ଆମ ସମୟର

### ॥ ତୁଷ୍ଟି ॥



ସୁରେନ୍ଦ୍ର ପାଣିଗ୍ରାହୀ

ଜେଜେମା କହିଲା,
ବହୁତ ଦିନ ଗାଈ ଗୋରୁଂକୁ
ତୁଷ୍ଟି ଦେଲ/ ତାଙ୍କ ଅଭିସଂପାତରୁ
ଏବେ ନିଜ ନିଜ ମୁହଁରେ
ତୁଷ୍ଟି ଦିଅ/ ଛୁଆଁ ରୋଗ ଛ' ଖଣ୍ଡ ମାଡିଚି।

ଏ ରାଇଜରେ ଲାଗିଚି କାଳିସୀ
ଚାରିଆଡ଼େ ମଢ଼ାର ମଶାଣି
ମହାପୁରୁଷଂକ କଥା ସତ ହେଲା
ଦେଖୁନ, ମଣିଷ ତ
ମଣିଷକୁ ଦେଖି ଚିହୁଁକୁଚି ।


ସୋରିଷ ତେଲ ନାକରେ
ନାହିରେ ଲଗାଅରେ ପିଲେ
ବାମ୍ଫ ନିଅ, ଚେରମୂଳି ଫୁଟାପାଣି ପିଅ
କଂସା ବାସନରେ ଖାଅ
ବାରଆଡ଼େ ବୁଲନାରେ ବାବା
ଘରେ ବସି ଭାଗବତ ଗାଅ ।

ଘର ଲିପା ପୋଛା କର
ପଚାସଢ଼ା ଅସନା ଖାଅନା
ରାତିରୁ ଉଠରେ ବାବା/ ଯୋଗକର
ପ୍ରାଣାୟମ, ନିଃଶ୍ୱାସ ପ୍ରଶ୍ୱାସ
ଥଣ୍ଡା ପବନରେ ବସ
ମାରୁଥାଅ ମହାବୀର ଦଣ୍ଡ ।

ଜେଜେମା କହିଲା
କେତେ ଯେ ବାଧିକି ଆଉ
ମଡ଼କ ଦେଖିଚି
ଏମିତିକା ଦେଖିନିରେ ପୁଅ
ସତ ହେଲା ମାଳିକାର କଥା
ଏଠି ମାଦଳ ହେଇଛି କାଳ
ଅଜଗର ନୁହେଁ, ଦେଖ
ମଣିଷକୁ ମଣିଷ ଗିଳୁଚି ।

+ ସା/ପୋ : ବରି,
ଜି : ବାଲେଶ୍ୱର,
(ମୋ)୯୪୩୭୨୮୨୯୮୪

### ॥ ଶୈଶବ : କେତେ ଦୂର, କେତେ ପାଖ ॥



ସୌଭାଗ୍ୟବନ୍ତ ମହାରଣା

ପବନର ସୁସୁରିରେ କାନ୍ଦ କାନ୍ଦ
ମୋ ଅବୁଝା ଶୈଶବର ନିରୀହତା
ମୋ କୁଞ୍ଚିକୁଞ୍ଚିଆ ଚୂଳକୁ ସୁଆଁଳି ଦେଉଥିବା
ସେ ଦୁଷ୍ଟପବନ ବି ମୋର
ଅଭୁଲା ମିତ୍ର ପାଲଟିଯାଏ ଓଠ ସନ୍ଧିରେ
ମା'ର ଡାକରେ ମମତାର ଉଷ୍ମତା ଭରିବାକୁ।

ବଡ ବିଚିତ୍ରହୋ ଜୀବନର ଗହନ କଥା
ଅଣୁରେ ଅଣୁରେ ଈଶ୍ୱର ପାଲଟିଯିବାର ମାୟା ଓ
ମୋହର ଜହ୍ନରାତିରେ
କୁହୁକ ବଂଶୀସ୍ୱନର ଆଲିଙ୍ଗନ।
ବିଶ୍ୱ ବ୍ରହ୍ମାଣ୍ଡର ଭୟଙ୍କର ରୂପକୁ
ମାଟିଖିଆ ପାଟି ଭିତରେ ଦେଖେଇ
ମା'କୁ ଭକୁଆ ବନେଇବାର କୁହୁକ ରହସ୍ୟ
କିଏ ବା ବୁଝିଛି ମୋହିତ ବେଳାରେ ?
ନୀରବତାର ବି ଗୁପ୍ତ ସୌନ୍ଦର୍ଯ୍ୟଟେ ଥାଏ
ଯାହା ମୋର ଶୈଶବର ଶୋଇଲା ମୁହଁରେ
ଉକୁଟି ଉଠେ ମୃଦୁ ହସରେ
କେବଳ ମୋ ମା'ହିଁ ତାକୁ ଚିହ୍ନିଥାଏ।

ଅମୃତ ଆଉ କଣ କି
କ୍ଷୀର ପିଇବା ବେଳେ ମା ଥନରୁ
କୁନି ଈଶ୍ୱର ପାଲଟିଯିବାର ଅନନ୍ୟ ଦୃଶ୍ୟପଟ।

ଆହା, କେତେ ଦୂରେ ଛିଟିକି ପଡିଛି ମୋ
ଅସହାୟତାର ଆଦିରୂପ ଏବେ
ମା,ମାଟି, ଈଶ୍ୱରଙ୍କ କୋମଳ ଅନୁରାଗର
ବିଶ୍ୱସ୍ତ ବନ୍ଦୀଶାଳାର ପ୍ରିୟ ପବନ ଠାରୁ !
ସମୟର ଅସମୟତା ଭିତରେ
କ୍ଷତଙ୍କ ରଙ୍ଗ ଓ ରୂପ ଚିହ୍ନିବାକୁ
ମୋ ଶୈଶବର ଚିହ୍ନା ଚିହ୍ନା ହସର ଲାଳିତ୍ୟ
ସତେକି ମିଳେଇ ଯାଇଛି ଏଇନେ
କୋଉ ଅଚିହ୍ନା ପବନର ଅଦେଖା ଲୁହ ଭିତରେ !

+ ଭାରତୀ ଭବନ, ଶିବମ୍ କଲୋନୀ,
ଆୟକର ଭବନ ପଛ, ସମ୍ବଲପୁର-୭୬୮୦୦୪
(ମୋ)୯୪୩୭୪୫୭୭୩୬

### ॥ ଶକୁନି ॥



ଦୁର୍ଗାଚରଣ ଷଡ଼ଙ୍ଗୀ

ମୁଁ ହାରିଯାଇ ନାହିଁ କେବେବି ଜୀବନ ପାଖରେ ।
ଡରିବିନି ମରଣକୁ, ବରଂ ଡରିଛି
ଜୀବନ ଗୋଟାକ
ଖାଲି ଏ ଦୁସ୍ତର ବ୍ୟାଧିକୁ
ମୋ ଚଉକତା ବେଢ଼ି ରହିଥିବା ସେ ବେଇମାନ
ଶ୍ୱାପଦମାନଙ୍କୁ ।

ସେଇ ଡାହାଳମାନେ ଅଥଚ ଡରନ୍ତି
କାହିଁକି କେଜାଣି !
ନିଜ ନିଜ ପ୍ରଜ୍ଞାହତ ଆଳରେ, ନା ଈର୍ଷାରେ ?
ବେଳେବେଳେ ହିସ୍ ହିସ୍ କରନ୍ତି
ତୁଚ୍ଛା ମିଛଟାରେ ।

ସେମାନଙ୍କର ସୁନ୍ଦର ତୋଫା ଦାନ୍ତସବୁ
ଅଲାଜୁକର ହସ ହୋଇ
ଚିକ୍ ଚିକ୍ କରେ
ପାପୁଲିରେ ମୁଠାଏ ଅସହିଷ୍ଣୁ ଭାବ
କେବେ କେମିତି
କବନ୍ଧରେ ହାତ ଆଉଁସି
ପଚାରି ବୁଝନ୍ତି
ଆଜିକାଲି କେମିତି ଅଛ ହେ' କବି ।
ସବୁ ଭଲ ତ !!


ମୁଁ ସେମିତି ହିଁ ସବୁଦିନ ଥାଏ ହେ' ସୁଜନେ
ଅନ୍ଧାର ଭିତରେ ସାଉଁଟୁଥାଏ
ମୋ ବିଧୁର ଅତୀତ
ସିର୍ ସିର୍ ପବନର ହିଲ୍ଲୋଳରେ
ଘ୍ରାଣ କରୁଥାଏ
କାଠଚମ୍ପା- ମଧୁମାଳତୀର ବାସ୍ନା
ପ୍ରତି ନିୟତ,
ମୋର ଏବେ ବି କିଛି ନାହିଁ ସୁଜ୍ଞଜନେ
କ'ଣ ଥିବ ବା ଆଗକୁ
ତା'ର ବି ଶୋଚନା ନଥାଏ ।

ସେଇ ଶ୍ୱାପଦଙ୍କୁ ଦେଖିଲେ କଦାଚିତ୍
ବହେ ହସ ଲାଗେ
ଉଚ୍ଛିଷ୍ଟରେ ଭରପୁର ଥାଏ
ସେମାନଙ୍କ ଅସହଣୀ ଅଭିଳାଷ, ତଥାପି
ବଢ଼ାଯାଇଥିବା ସମର୍ପଣରେ ବି
ସେଇ ଶକୁନର ଦୃଷ୍ଟି ବାରି ହୋଇଯାଏ,
ଭାବେ, ସେମାନେ କ'ଣ ଥିଲେ କେବେ କାହାରି
ନା, ଏବେ ହେବେବି କାହାର !!

+ (ମୋ) ୯୪୩୮୫୩୫୫୭୭

## ଅଭିମାନର ଅନ୍ୟନାମ ଅଭୟ ସିଂ

### ମାୟାଧର ନାୟକ



ଏକଦା ଓଡ଼ିଶାର ବୌଦ୍ଧିକ ମହଲରେ ଯେଉଁ କେତେଜଣ ବିରଳ ତରୁଣଙ୍କ ନାମ ପ୍ରବୀଣ ପିଢ଼ି ଦ୍ୱାରା ଉଚ୍ଚାରିତ ହେଉଥିଲା, ସେମାନଙ୍କ ମଧ୍ୟରେ ଅନ୍ୟତମ ଆକର୍ଷଣ - ଅଭୟ ସିଂ। ସେ ଅଭୟ ସିଂ ଆଜି ଆମ ଗହଣରେ ନାହାଁନ୍ତି ।

ସ୍ୱାଭିମାନୀ, ସ୍ୱାଧୀନଚେତା, ସ୍ୱାବଲମ୍ବୀ ଅଭୟ ଥିଲେ ଆକୈଶୋର ଆତ୍ମସମର୍ପଣହୀନ। ସତ୍ୟଭାଷୀ ଅଭୟଙ୍କୁ ଛାତ୍ରଜୀବନରୁ ଚିହ୍ନି ତାଙ୍କ ଭବିଷ୍ୟତର ସମ୍ଭାବନାମୟ ଝଲକକୁ ଠିକ୍ ଠଉରାଇପାରିଥିଲେ ବିଶ୍ୱବିଦିତା ପଞ୍ଜାବୀ ଲେଖିକା 'ଅମୃତା ପ୍ରୀତମ୍'। ଅମୃତା ଓଡ଼ିଶା ଆସିଥିବାବେଳେ ଅଭୟ ହିଁ ତାଙ୍କ ଅନ୍ତରଙ୍ଗ ସାକ୍ଷାତକାର ନେଇ ଚହଳ ସୃଷ୍ଟି କରିଥିଲେ ରାଜ୍ୟସାରା ଏବଂ ଏଠାରେ ଉଲ୍ଲେଖଯୋଗ୍ୟ ଯେ ସେତେବେଳେ ସେ ବାଣୀବିହାରର ଜଣେ ଉପାଧ୍ମଉର ଛାତ୍ର କେବଳ!

ପରେ ମୁକ୍ତସାମ୍ବାଦିକତା କ୍ଷେତ୍ରରେ ପ୍ରକଟିତ ହୋଇପାରିଛି ତାଙ୍କ ପ୍ରଖର ପ୍ରତିଭା - ମାତ୍ର ତାହା ଖୁବ୍ ବେଶୀ ଗୋଟାଏ ସୁଖକର ଅନୁଭୂତିର ଦିନ ନୁହେଁ ତାଙ୍କ ପାଇଁ। ତାପରେ ଅତୀତରେ 'ସଚିତ୍ର ବିଜୟା' - ଓଡ଼ିଶା ବାହାରର ଅଣଓଡ଼ିଆ ମାଲିକାନା ତରଫରୁ ପ୍ରକାଶ ପାଉଥିବା ମାସିକ ଓଡ଼ିଆ ପତ୍ରିକାଟିର ପ୍ରସାରଣ ସଂଖ୍ୟାକୁ ନବନିଯୁକ୍ତ ସଂପାଦକ ଅଭୟ ନିଜ କଲମର ନିର୍ଦ୍ଦେଶନା ଜୋର୍ ଯୋଗୁ କରାଇ ପାରିଥିଲେ ଅଚିନ୍ତନୀୟ ଭାବରେ ବହୁଗୁଣିତ।

ଓଡ଼ିଶା ଏପରି ଏକ ସାଂସ୍କୃତିକ ତୁଷାରଘନ ରାଜ୍ୟ, ଯେଉଁଠି ଆମ ସାରସ୍ୱତ ନକଲି ନାୟକତନ୍ତ୍ର କୌଣସି ପ୍ରକୃତ ପ୍ରତିଭାର ଉଷ୍ମ ଔଜ୍ଜ୍ୱଲ୍ୟକୁ ମଂଜୁର୍ କରିପାରିଥିବାର ନ୍ୟାୟୋଚିତ ନଜିର ସୃଷ୍ଟି କରିନାହିଁ ଏଯାବତ୍। ଈର୍ଷାର ଈଶ୍ୱରମାନଙ୍କ ଐକ୍ୟବଦ୍ଧ ଅଭିସନ୍ଧିର ଶିକାର ହୋଇ ଅଭୟାରଣ୍ୟରୁ ଅଭୟ ଗଲେ କୁଆଡ଼େ ? ହୁଏତ କେବେକେବେ ତାଙ୍କ ଜୀବନସ୍ମୃତିର ପଂଜୀକୃତ ନଥିପତ୍ର ଉନ୍ମୋଚନ କରିବ ଏ ରହସ୍ୟ।

ପ୍ରତିଭାର ପ୍ରକାଣ୍ଡ ପ୍ରବାଦ ପ୍ରସ୍ରବଣ, ସାଲିସବିହୀନ, ଜ୍ଞାନୀ, ମହାମାନୀ, ସ୍ୱାଭିମାନୀ,ଏକଦା ବହୁଳ ପ୍ରସାରିତ ସଚିତ୍ର 'ବିଜୟା' ପତ୍ରିକାର ସଂପାଦକ ଅଭୟ ସିଂ।

ଏଇ ଅଭୟ ସିଂଙ୍କୁ ଖୋଜି ଖୋଜି ନୟାନ୍ତ ହୋଇଯାଇଥିଲି। ଠିକଣା ତାଂକର ହଜିଯାଇଥିଲା। ହଠାତ୍ ସେ ଅଘରୀ ହୋଇଯାଇଥିଲେ। ମୋବାଇଲ ଆଉ ରିଂଗ୍ ହୋଇନଥିଲା।

ମଣିଷ ଆପଣାର ପ୍ରିୟଜନଙ୍କୁ ବର୍ଷ ବର୍ଷ ଧରି ଆତୁର ହୋଇ ଖୋଜୁଥାଏ, ପାଉ ନଥାଏ। ହଠାତ୍ ସନ୍ଧାନ ମିଳିଗଲେ ? ସେ ଆନନ୍ଦ କହିଲେ ନସରେ।


ବିଶ୍ୱବିଖ୍ୟାତ ଔପନ୍ୟାସିକ ଟଲଷ୍ଟୟ ଜୀବନର ଅପରାହ୍ଣରେ ଭଂଗାମନରେ ରେଲଷ୍ଟେସନର ଏକ ବେଞ୍ଚରେ ଶୋଇ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ଆଜି କିନ୍ତୁ ଓଡ଼ିଆ ସାହିତ୍ୟଜଗତର ପ୍ରଥିତଯଶା ସାମ୍ବାଦିକ, କଥାକାର, ସାଂସ୍କୃତିକ ଯୋଦ୍ଧା ଅଭୟ ସିଂ ଜରାଶ୍ରମରେ ଜର୍ଜରିତ ଜରାଜୀର୍ଣ୍ଣ ଜୀବନରେ ଶେଷ ନିଶ୍ୱାସ ତ୍ୟାଗ କଲେ ।

ରାଜଧାନୀରେ ମୋର ଦ୍ରୁତ ରାଜନୈତିକ କାର୍ଯ୍ୟକଳାପବେଳେ ଅଭୟବାବୁ ସହ ସାକ୍ଷାତ। ଗେଡ଼ାଲୋକଟିଏ। ଖଦଡ଼ ଫୁଲ ପ୍ୟାଣ୍ଟ ହାପ୍ ସାର୍ଟ ପିନ୍ଧି କାନ୍ଧରେ ଶାନ୍ତିନିକେତନୀ ବ୍ୟାଗ ଆଉ ଦଦରା ମଟର ସାଇକେଲ ଚଢି ରାଜଧାନୀ ସାରା ଘୂରିବୁଲନ୍ତି। ଜନସଂଗଠନମାନଙ୍କ ଆନ୍ଦୋଳନରେ ସଭାସମିତିରେ ହାଜର ହୁଅନ୍ତି। 'ବିଜୟା' ପତ୍ରିକାରେ ସଂପାଦକ ଥିଲାବେଳେ ତାଙ୍କର ଫିଚର ଓଡ଼ିଆପାଠକଙ୍କୁ ମୁଗ୍ଧ କରି ଦେଉଥିଲା। ତାଙ୍କ କଲମର ଦରଦୀ ଗାଉଁଲୀ ଭାଷା ଖୁବ୍ କମ୍ ଲେଖକ କବି ଲେଖିପାରନ୍ତି।

ମୋ ସହିତ ଧୀରେଧୀରେ ଘନିଷ୍ଠତା ବଢିଚାଲିଲା। ସେ ରାଜଧାନୀର ଗଣ୍ଡମୁଣ୍ଡାରେ ରହୁଥିଲେ। ମୋତେ ଥରେ ତାଙ୍କ ବସାକୁ ନିମନ୍ତ୍ରଣ କଲେ। ଖୋଜି ଖୋଜି ପହଁଚିଲି।

ଅଭୟବାବୁ ତାଙ୍କ ଆଇ ଏ ଏସ୍ ବନ୍ଧୁଙ୍କ କୋଠାଘର ପାଖ ଏକବଖରିଆ ନୁଆଁଣିଆ ଘରେ ଥିଲେ। ଅବଶ୍ୟ ଭଡ଼ା ଦେବାକୁ ପଡୁନଥିଲା। ଘର ଭିତରକୁ ଡାକିନେଇ ଚେୟାରରେ ବସାଇଲେ। ଘରେ ବହି ଗଦାଗଦା। ଛୋଟିଆ ଖଟରେ ବିଛଣା ପଡ଼ିଛି। ବାରଣ୍ଡାରେ ରୋଷେଇ। ସେ ସଂଗେ ସଂଗେ ଚା' କରି ଆଣିଲେ। ଗପସପ ହେଲୁ। ଅଭୟବାବୁ ପିଠଉ ବାଟି ରଖିଥିଲେ। ନିଜେ ଚକୁଳି ପିଠା ପ୍ରସ୍ତୁତ କରି ଖୁଆଇଲେ।

କିଛିଦିନ ପରେ ଦିନେ ଗୋଟାଏ ନିଖୋଜ ଜହ୍ନରାତିରେ ଆମେ ତିନିହେଁ, କବି ଗିରିଜା ବଳୀୟାର ସିଂହ ଏବଂ ସଚିତ୍ର ବିଜୟାର ସଂପାଦକ ଅଭୟ ସିଂହ ଓ ମୁଁ ଏକାଠି ବସି ନୂଆ ତାରକାମାନଙ୍କର ତାଲିକା ତିଆରି କରୁଥିଲୁ।



ଅଭୟବାବୁ, ଗିରିଜାବାବୁ ମୋତେ ମାୟାଧର ଭାଇ ଡାକନ୍ତି। ସେମାନଙ୍କ ଠାରୁ ମୁଁ ବୟସରେ ବଡ଼। ଅଭୟ ସିଂଙ୍କ ସହିତ ଘନିଷ୍ଠତା ଘନୀଭୂତ ହେଲା। (କ୍ରମଶଃ)


+ ଯାଜପୁର ରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩


---

## ଧାରାବାହିକ ଉପନ୍ୟାସ



ଭାଗ-୨୭
(ପୂର୍ବ ପ୍ରକାଶିତ ଉତ୍ତାରୁ..)

"ଚାରି ପାଞ୍ଚଜଣ ମାତ୍ର ।" ଡାକ୍ତର ପଟ୍ଟନାୟକ ସାମାନ୍ୟ ବିମର୍ଷ ଦିଶିଲେ । ତାଙ୍କ ମୁହଁର ଭାଷା ପଢ଼ି ମ୍ୟାନେଜର୍ ସଫେଇ ଦେବାକୁ ଚେଷ୍ଟା କରୁଥିଲେ -

"ଆଜ୍ଞା ! ଏବେ ତ ପ୍ରଚଣ୍ଡ ଗରମ ଆରମ୍ଭ ହୋଇଗଲାଣି । ଖରା ସାଂଗକୁ ଅସମ୍ଭବ ଗୁଳୁଗୁଳି । ଚାରିଟା ବାଜିଲାଣି । ଲାଗୁଛି ଯେମିତି ଦ୍ୱିପ୍ରହର ଭଳି । ଲୋକେ ଘରୁ ବାହାରିବା ସଂଭବ ନୁହେଁ । ସଂଧ୍ୟା ବେଳକୁ ଭିଡ଼ ଜମିଯିବ ।"

"ଏବେ ମୁଁ ଉପରକୁ ଯିବି, ରାଉଣ୍ଡରେ, ସଦ୍ୟ ଆସିଥିବା ଶିଶୁମାନଙ୍କ ପାଖକୁ ।" - ଡାକ୍ତର ପଟ୍ଟନାୟକ କହିଲେ ।

ବାହାରେ ଅପେକ୍ଷା କରିଥିଲେ ଶୁଭକାନ୍ତ, ଭବେଶ ଓ ରବିକୁମାର । ଡାକ୍ତର ପୁଅକୁ ଦେଖି କ'ଣ କହିଲେ କି ପରାମର୍ଶ ଟିକେ ଦେଲେ ମନ ଆଶ୍ୱସ୍ତ ହେବ । ତତ୍‌କ୍ଷଣାତ୍ ଚେମ୍ବର୍‌ରୁ ବାହାରି ଡାକ୍ତର ଗଲେ ଉପରକୁ ଆଉ ତାଙ୍କ ପଛେ ପଛେ ଶୁଭ ଓ ଭବେଶ ।

କ୍ଷଣମାତ୍ର ଦୃଷ୍ଟି ନିକ୍ଷେପ କଲେ ଡାକ୍ତର ନବଜାତକ ଉପରେ ; ଦୀନନାଥଙ୍କ ନାତି ଉପରେ । ଗୋଟିଏ ପଲକମାତ୍ର ଏବଂ ଜାଣି ଦେଲେ ପିଲାର ଅବସ୍ଥା । ସବୁ ଠିକ୍ ଅଛି । ନର୍ସକୁ ମାଗିଲେ ପେସେଣ୍ଟ୍ ଡାଏରୀ । ସେଥିରେ ଲେଖିଲେ - ବାସ୍ତରୀ ଘଣ୍ଟା ୱାଚ୍ ଓ ଗୋଟେ ସାଧାରଣ ଟନିକ୍ ଭଳି ଡ୍ରପ୍ । ବାସ୍, ଦୁଇ ମିନିଟ୍‌ରେ କାମଶେଷ । ଗୋଟାଏ ପଲକର ଜଣେ ଅଭିଜ୍ଞ ଡାକ୍ତର ଜାଣି ଦେଇଥାନ୍ତି ଜଣେ ରୋଗୀ ଓ ତା'ର ରୋଗର ଅବସ୍ଥା । ଏହା ତାଙ୍କର ଅଭିଜ୍ଞତା ଓ ଈଶ୍ୱର ପ୍ରଦତ୍ତ ଗୁଣ ।

ତିରିଶଜଣ ନବଜାତକ ଶିଶୁ ଭେଣ୍ଟିଲେଟର୍ ଭିତରେ । ସଭିଙ୍କ ପାଖରେ ଡାକ୍ତର ବୁଲିଗଲେ । କେଉଁଠି ଗୋଟେ ମିନିଟ୍ ବା ଦୁଇ ମିନିଟ୍ । ଯେଉଁଠି ଯାହା ଆବଶ୍ୟକ, ନିଜେ ଲେଖିଲେ କିମ୍ବା ଫାର୍ମାସିଷ୍ଟ୍ ଦ୍ୱାରା ନୋଟ୍ ଦେଲେ । ବସ୍, ରୋଗୀ ଦେଖା ସରିଗଲା ।

ବାହାରକୁ ଆସିବା ପରେ ଶୁଭକାନ୍ତ ନିଜକୁ ଏବଂ ଭବେଶକୁ ଡାକ୍ତର ବୋଲି ପରିଚୟ ଦେଲା । ପରିଚୟ ପାଇଲେ ବି ଡାକ୍ତରଙ୍କ ମୁଖର ଭଂଗୀରେ କୌଣସି ପରିବର୍ତ୍ତନ ହେଲାନାହିଁ । ଶୁଭକାନ୍ତ ଭଣଜାର ସମସ୍ୟା କ'ଣ ବୋଲି ପଚାରନ୍ତେ ଡାକ୍ତର କହିଲେ -

"ସେମିତି କିଛି କହି ହେବ ନାହିଁ । ପାଠ ଅନୁସାରେ ତାଙ୍କୁ ବାସ୍ତରୀ ଘଣ୍ଟା ଭେଣ୍ଟିଲେଟର୍ ଭିତରେ ରଖି ଅନୁଧ୍ୟାନ କରାଯିବା କଥା । ତାହା ହିଁ ହେବ । କିନ୍ତୁ ଆମେ ଯେହେତୁ ସମଗୋତ୍ରୀୟ, ବ୍ୟକ୍ତିଗତ ଭାବେ କହିଲେ ଆଶାଜନକ ବୋଲି ମନେ ହେଉଛି । ତେବେ ବାସ୍ତରୀ ଘଣ୍ଟା ଯାଉ । ତାପରେ ଯାହା କିଛି ହେବ ।"

ବାପାଙ୍କୁ ସବୁ କଥା କହିସାରିବା ପରେ ଶୁଭକାନ୍ତ ଏ କଥା ବି ଘୋଷଣା କରିଥିଲା ଯେ, ବ୍ୟକ୍ତିଗତ ଭାବେ ଡାକ୍ତର ପିଲା ସଂପର୍କରେ ଆଶାଜନକ ବାଣୀ ଶୁଣେଇଛନ୍ତି । ସୁତରାଂ, ଏବେ କୌଣସି ଉଦ୍‌ବେଗ ବା ଚାପରେ ନ ରହି ଘରକୁ ଫେରିବା ଦରକାର । ବାକି ପିଲାକଥା ଡାକ୍ତର ବୁଝିବେ ।

ଏଣୁ ଏତେଲୋକ କଟକରେ ରହିବାର ଆବଶ୍ୟକତା ହିଁ ନଥିଲା । ଆଲୋଚନା ପରେ ସ୍ଥିର ହେଲା କେବଳ ଭବେଶ ଓ ରବିକୁମାର ହିଁ ରହିବେ । ଶୁଭକାନ୍ତ ବାଲେଶ୍ୱର ଯିବ ଶୁଭଦା ପାଖକୁ ଏବଂ ପୁଣି କାଲି ସକାଳେ ଫେରିବ ପୁଅ ପାଖକୁ । ପୁଣି ଭବେଶ ଫେରିଯିବ ଶୁଭଦା ପାଖକୁ । ଏମିତି ଯୋଜନାବଦ୍ଧ ଭାବେ ଅଦଳ ବଦଳ ହେଲେ ଶୁଭଦା ଏହାର କୌଣସି ସୂଚନା ପାଇବ ନାହିଁ ।

---

## ନାତି

### ଡ. ରତିକାନ୍ତ ବେହେରା


♥ କୃଷ୍ଣନଗର, ଅଙ୍ଗାରଗଡିଆ, ବାଲେଶ୍ୱର, (ମୋ)୯୪୩୯୪୪୨୯୪୨




ଅନୁଭବ ଏବଂ ଅନୁଭୂତି ପୂର୍ଣ୍ଣତଃ ବ୍ୟକ୍ତିଗତ ହେଲେ ବି, ଏକ ସାର୍ବଜନୀନ ଆବେଦନ ଏହାର ଅନ୍ତର୍ନିହିତ ଭାବବସ୍ତୁ । ଘଟଣା ସହିତ ପ୍ରତ୍ୟକ୍ଷ ଜଡ଼ିତ ହୋଇ ପଡ଼ିଥିବା ଚରିତ୍ରମାନେ ଏହାକୁ ପାଠ କଲା ପରେ ହୁଏତ ଲୁହ ଗଡ଼େଇବେ । ବାସ୍ତବତା ପରିପ୍ରେକ୍ଷୀରେ ସେମାନଙ୍କ ପ୍ରତି ମୁଁ ଅତ୍ୟନ୍ତ କଠୋର ହୋଇଥିବା ଉପଲବ୍ଧି କରିବେ । କିନ୍ତୁ ନିଚ୍ଛକ କଳା ବା ସାହିତ୍ୟ ରୂପେ ଏହାକୁ ଗ୍ରହଣ କରିନେଲେ ବୋଧହୁଏ ତାଙ୍କ ଆତ୍ମାକୁ କଷ୍ଟ ଲାଗିବ ନାହିଁ, ବରଂ ଶାନ୍ତି ମିଳିବ । - ଲେଖକ

ବାଲେଶ୍ୱରରେ ପହଞ୍ଚି ରାତି ଦଶଟା ପରେ ଶୁଭକାନ୍ତ ଗଲା ନର୍ସଂହୋମ୍, ଶୁଭଦା ପାଖକୁ । ସେତେବେଳେ ଶୁଭଦା ଶୋଇଥିଲା ବେଡ୍‌ରେ ଚିତ୍‌ହୋଇ । ଆଟେଣ୍ଡାଣ୍ଟ୍ ବେଡ୍‌ରେ ଭାଗ୍ୟବତୀ ଦେବୀ । ଶୁଭଦାର ଶାଶୁ । ଶୁଭକାନ୍ତ ପ୍ରଣାମ କଲା ତାଙ୍କୁ ।

ସ୍ୱଭାବତଃ ଶୁଭକୁ ଆଶୀର୍ବାଦ କଲେ ଭାଗ୍ୟବତୀ ଦେବୀ । ତାଙ୍କ ମୁଖମଣ୍ଡଳ ଦୁଃଖର ବାଦଲରେ ଢାଙ୍କି ହୋଇ ରହିଥିଲା । ଆଖିରେ ତାଙ୍କର ଅନେକଗୁଡ଼ିଏ ଅସମାହିତ ପ୍ରଶ୍ନ ଉଙ୍କିମାରୁଥିଲେ । ତେଣୁ ଶୁଭକୁ ଦେଖି ଯେତିକି ମମତାରେ ତରଳିବା କିମ୍ବା ସସ୍ନେହେ ଗଦ୍ ଗଦ୍ ହେବା କଥା, ତାହା ହୋଇ ପାରିଲେ ନାହିଁ । କିଛି ଘଟି ନାହିଁର ମିଛ ପରଦା ଅନ୍ତରାଳରୁ ଦୁଃଖ ଓ ବିଷାଦର କାଳିମା ବାରିହୋଇ ପଡୁଥିଲା । ଯାହା ବି ଥିଲେ, ଆଜି ନାତି କଟକ ଯିବା ପରେ ସେ ଭିତରେ ଭିତରେ ସଂପୂର୍ଣ୍ଣ ଭାଙ୍ଗି ପଡ଼ିଥିଲେ । ତଥାପି ଶୁଭକୁ ଅଳ୍ପ ହସ ଫୁଟେଇ ତା' ଆସିବାର କୁଶଳ ଜିଜ୍ଞାସା କଲେ ।

ଏତେ କଷ୍ଟ ସତ୍ତ୍ୱେ ତୃପ୍ତିରେ ଟିକେ ହସିଦେଇ ଭାଇକୁ ଅନେଇ ରହିଥିଲା ଶୁଭଦା । ଶାଶୁଙ୍କର କୁଶଳ ଜିଜ୍ଞାସା ପରେ ସେ ଭାଇ ସହିତ କଥା ହେଲା । ଅନିଚ୍ଛା ସତ୍ତ୍ୱେ ଭାଇ ନେଇଥିବା ଖାଦ୍ୟରୁ ଅଳ୍ପ କିଛି ଖାଇଲା । ଶୁଭକାନ୍ତ କହିଲା -

"ତୋର ଏବେ ବେଶୀ କଥାବାର୍ତ୍ତା କରିବା ଅନୁଚିତ । ଜୋର୍‌ରେ କଥା ହେବୁ ନାହିଁ, କି ହସିବୁ ନାହିଁ । ତେବେ ଧୀରେ ଧୀରେ କଥା ହେଲେ ଚଳିବ ।"

ଏତକ କହି ଶୁଭକାନ୍ତ ଡାକ୍ତରାଣୀ ଲେଖିଥିବା ପ୍ରେସ୍‌କ୍ରିପ୍‌ସନ୍ ଆଣି ଦେଖିଲା ଓ ଔଷଧଗୁଡ଼ିକୁ ଯାଞ୍ଚ୍ କରୁଥିବା ଅବସ୍ଥାରେ ଶୁଭଦା ପଚାରିଲା -

"ଭାଇ ! ମେଡ଼ିକାଲ୍‌ରେ ପୁଅ ପାଖକୁ ଯାଇଥିଲୁ ?"

ଶୁଭକାନ୍ତ ମିଛ କହିବାକୁ ବାଧ ହେଲା । କହିଲା -

"ହଁ ଯାଇଥିଲି । ସେଠାରୁ ପୁଣି ଘରକୁ ଯାଇ ତୋ ପାଇଁ ଖାଇବା ଧରି ଏଠିକି ଆସିଲି । ଏବେ ଭବେଶ ସେଠି ଅଛନ୍ତି ।"

"ପୁଅ ଭଲ ଅଛି ?"

"ହଁ ।"

"କେମିତି ହୋଇଛି ?" - ଅଳ୍ପ ହସି ପଚାରିଲା ଶୁଭଦା ।

"ଖୁବ୍ ଭଲ ହୋଇଛି । ଭବେଶ ଭଳି ଡେଙ୍ଗା ଆଉ ଗୋରା ହେବ ।" - କୃତ୍ରିମ ହସ ଫୁଟେଇ କହିଲା ଶୁଭକାନ୍ତ ।

ଆଉ ଟିକେ ହସ ଚହଟିଗଲା ଶୁଭଦା ମୁହଁରେ । କିନ୍ତୁ କ'ଣ ଭାବି କେଜାଣି, ସଂଗେ ସଂଗେ ତାହା ମଉଳିଗଲା । ଖୁସିର ପୁଲକଟେ ମନ ଭିତରୁ ଉତୁରି ଆସୁ ଆସୁ ବାଟରେ ଯେମିତି ଅଟକିଗଲା । ସମସ୍ତେ ପୁଅକୁ ଦେଖିଲେ, ଭଲ ହୋଇଛି ବୋଲି କହୁଛନ୍ତି । ହେଲେ ଜନ୍ମ ଦେଇ ବି ସେ ଟିକେ ଦେଖି ପାରିଲା ନାହିଁ । କେଉଁଠି କେମିତି ଟିକେ ଗଡ଼ବଡ଼ ହୋଇଗଲା ! ସେଇଥିପାଇଁ ବୋଧହୁଏ ସଭିଙ୍କ ମନ ଉଣା । ଭବେଶ ସକାଳେ ଯାଇଛନ୍ତି ଯେ, ଏ ପର୍ଯ୍ୟନ୍ତ ଆସିଲେ ନାହିଁ । କାହାରି ମୁହଁରେ ସରସତା ନାହିଁ । ତେବେ କାହିଁକି ? ପୁଅର ଆଉ କିଛି ଅସୁବିଧା ହୋଇଛି କି ? ତା' ସମ୍ପର୍କରେ ବିଶେଷ କେହି କିଛି ଆଲୋଚନା କରୁ ନାହାନ୍ତି କାହିଁକି ?

ଭାଇ ଆସିଛି, ଯେତେ ଯାହା ଅସୁବିଧା ଥିଲେ ବି ଠିକ୍ ଠାକ୍ କରିଦେବ ବୋଲି ତା'ର ବିଶ୍ୱାସ ଏବଂ ଭରସା ରହିଛି । ତଥାପି ନିଜକୁ ବହୁତ ଦୁଃଖୀ ଦୁଃଖୀ ଅନୁଭବ କଲା ଶୁଭଦା । ପ୍ରସଂଗ ବଦଳେଇ ଭାଇକୁ ପଚାରିଲା -

"ଭାଇ ! ବାପା କହୁଥିଲେ ତୁ ସକାଳ ଛ'ଟାରେ ଚେନ୍ନାଇ ଛାଡ଼ିଲୁ । ଦଶଟା ସୁଦ୍ଧା ତ ଭୁବନେଶ୍ୱରରେ ପହଞ୍ଚି ଯାଇଥିବୁ । ସେଠୁ ବାଲେଶ୍ୱର ଆସିବା ଏତେ ବିଳମ୍ବ ହେଲା ?"

ଚମକି ପଡ଼ି ଚାହିଁଲା ଶୁଭକାନ୍ତ । ଶୁଭଦା ଅଲଗା କିଛି ଆଶଂକା କରୁ ନାହିଁ ତ ! ତଥାପି ସଫେଇ ଦେଲା -

"ହଁ, ଭୁବନେଶ୍ୱରରେ ପହଞ୍ଚି ମୋର ଗୋଟେ ଜରୁରୀ କାମ ଥିଲା ସେକ୍ରେଟାରୀଏଟ୍‌ରେ । ଗତ ଅଗଷ୍ଟରେ ନବରଂଗପୁରରେ ଚାକିରି ନ କରି ଯେଉଁ ଚେନ୍ନାଇ ପଳେଇଗଲି, ସରକାରଙ୍କୁ ତା'ର ଏକ ଲିଖିତ ସ୍ପଷ୍ଟୀକରଣ ଦେବାର ଥିଲା । ସେଠୁ କାମ ସାରି ଫେରିଲା ବେଳକୁ ଡେରି ହେଲା । ବାଲେଶ୍ୱରରେ ପହଞ୍ଚିଲା ବେଳକୁ ସଂଧ୍ୟା ସାତଟା । ସେଠାରୁ ମେଡ଼ିକାଲ୍ ଗଲି ପୁଅ ପାଖକୁ । ତା'ପରେ ତ ଏଠିକି ଆସୁଛି ।

"ଦ୍ୱିପ୍ରହରେ ଖାଇଲୁ କେଉଁଠି ? ଦାଦାଙ୍କ ବସାକୁ ଯାଇଥିଲୁ ? ଦାଦା କାଲି ଅବଶ୍ୟ ଏଠିକି ଆସିଥିଲେ ।" "ନାଇଁ, ସମୟ ନଥିଲା । ଡେରି ହେବ ବୋଲି ହୋଟେଲରେ ଖାଇନେଲି ।"

"ବହୁତ କ୍ଳାନ୍ତ ଦିଶୁଚୁ । ଘରକୁ ଯାଆ, ଖାଇପିଇ ଭଲ କରି ଶୋଇଯିବୁ ସକାଳଯାଏ । ମାଡ଼ାମ୍ ଆସିବେ ସାତଟା ପରେ । ସେତେବେଳେ ଆସି କ'ଣ ଭଲମନ୍ଦ ତାଙ୍କଠାରୁ ବୁଝିଦେବୁ । ଏବେ ରାତି ଏଗାରଟା ହେଲାଣି । ମା' ନ ଖାଇ ତୋତେ ଅପେକ୍ଷା କରିଥିବ !"

ଶୁଭକାନ୍ତ ଉଠି ଛିଡ଼ା ହେଲା । କେଡ଼େ ସରଳ ଆଉ ନିଷ୍ପାପ ହୃଦୟର ଏଇ ଶୁଭଦା । ମିଛକୁ ସତ ମଣିଛି, ସମସ୍ତଙ୍କ କଥାକୁ ବିଶ୍ୱାସ କରୁଛି, ଭରସା ରହିଛି ସଭିଙ୍କ ଉପରେ । ଭଗବାନ ତା'ର ମଂଗଳ କରନ୍ତୁ । ସ୍ନେହରେ ଶୁଭଦାର ମୁଣ୍ଡ ଆଉଁସି ଦେଇ ସେ ଫେରି ଆସିଲା ଘରକୁ ।

ସେ ପର୍ଯ୍ୟନ୍ତ ବି ଦୀନନାଥ ଖାଇ ନ ଥିଲେ । କଳ୍ପଲତା ବି । ଉଭୟେ ଅପେକ୍ଷା କରିଥିଲେ ଶୁଭକାନ୍ତକୁ । ଆସିଲେ ସାଂଗହୋଇ ଖାଇବେ ।

ଘରେ ଆସି ପହଞ୍ଚିଲା ଶୁଭକାନ୍ତ । ଏଇ ମାତ୍ର ବାପା ଠାକୁର ଘରୁ ଫେରି ଲୁଗା ବଦଳୁଛନ୍ତି । ଲିପୁ ଖାଇସାରି ମେସ୍ ଗଲାଣି ।

ଖାଇଲାବେଳେ କଳ୍ପଲତା ପୁଅକୁ ପଚାରିଲେ -

"ଶୁଭଦା ପାଖକୁ ତ ଯାଇଥିଲୁ, କେମିତି ଅଛି ସେ ? ଭଲ କରି ଖାଇଲା ତ ସିଏ ? ସମୁଦୁଣୀ କ'ଣ କହୁଥିଲେ ?"

ଏକାବେଳକେ ଦୁଇ ତିନୋଟି ପ୍ରଶ୍ନ ପଚାରି ଦେଇ ଉତ୍ତରକୁ ଅପେକ୍ଷା କରି ଚାହିଁ ରହିଲେ କଳ୍ପଲତା ପୁଅ ମୁହଁକୁ । କେମିତି ଶୁଖିଲା ଦିଶୁଚି ଶୁଭ । ଚେନ୍ନାଇରେ ଖାଇବା ପିଇବାରେ ଅସୁବିଧା ହେଉଛି ନିଶ୍ଚୟ । ଆଉ କେତେ ବା କଷ୍ଟ କରିବ ପିଲାଟା ! ଦଶବର୍ଷ କାଳ ପଢୁଛି ଯେ, ପଢ଼ା ତା'ର ସରୁନାହିଁ !

ଶୁଭକାନ୍ତ ଖାଉ ଖାଉ ମା'ଙ୍କ ପ୍ରଶ୍ନର ଗୋଟିଏ ପରେ ଗୋଟିଏ ଉତ୍ତର ରଖିଲା -

"ଶୁଭଦା ଭଲ ଅଛି, ଆଉ ଦିନ ଦୁଇଦିନ ପରେ ଠିକ୍ ହୋଇଯିବ । ତୋର ପଠେଇଥିବା ଖାଇବାରୁ ପଟେ ରୁଟି ଟିକେ ଛେନା ମାତ୍ର ଖାଇଲା । ସନ୍ତୁଳା ଖାଇଲା ନାହିଁ । ମାଉସୀ ତୋ କଥା ପଚାରୁଥିଲେ ।"

"କଟକରେ ପୁଅକୁ ଦେଖିଲୁ ? ସେ କେମିତି ଅଛି ?" - କଳ୍ପଲତା ପଚାରିଲେ ।

"ହଁ, ସେ ଭଲ ଅଛି ।" - ଖାଇସାରି ହାତ ଧୋଉ ଧୋଉ କହିଲା ଶୁଭକାନ୍ତ ।

"ସମସ୍ତେ ତ କହୁଛ ଭଲ ଅଛି । ତେବେ ତା'ର ହୋଇଛି କ'ଣ ? ତୁ ଡାକ୍ତର, କ୍ୱାଇଁ ଡାକ୍ତର । ଏତେ ଦେଖାଶୁଣା ଭିତରେ, ମୂଳରୁ ତାକୁ ପରୀକ୍ଷା ନିରୀକ୍ଷା କରିବା ଭିତରେ ଏମିତି କ'ଣ ଗଡ଼ବଡ଼ ହେଲା ?" - କଳ୍ପଲତାଙ୍କ କଣ୍ଠସ୍ୱର ଯଥେଷ୍ଟ ଆଦ୍ର ଜଣାପଡୁଥିଲା ।

ଶୁଭକାନ୍ତ କିଛି କହିଲା ନାହିଁ । କିଛିକ୍ଷଣ ଚୁପ୍ ରହିଲା । କ'ଣ କହି ସେ ମା'କୁ ବୁଝେଇବ ବା କେମିତି ବୁଝେଇଲେ ସେ ବୁଝିପାରିବ ? ପ୍ରାୟ କୈଫିୟତ ଚାହୁଁଛି ମା' ତା'ର ଏକମାତ୍ର ଡାକ୍ତର ପୁଅ ପାଖରୁ । ତୀକ୍ଷ୍ଣ ଛୁରୀକା ପରି ଶବ୍ଦଗୁଡ଼ିକ ବିଦ୍ଧ ହେଉଥିଲା ଶୁଭକାନ୍ତଙ୍କ ଛାତିରେ । ତଥାପି ବୁଝେଇବାକୁ ଚେଷ୍ଟାକଲା -

"ତା'ର ନିଶ୍ୱାସ ପ୍ରଶ୍ୱାସ ନେବାରେ କିଛିଟା କଷ୍ଟ ହେଉଥିଲା । ଅର୍ଥାତ୍ ଯେମିତି ହେବା କଥା, ସେମିତି ହେଉ ନଥିଲା । ସେଇଥି କାରଣରୁ ସେ ଭଲକରି କାନ୍ଦି ପାରୁ ନଥିଲା । ତୁରନ୍ତ ତାକୁ ଏସ୍.ଏନ୍.ସି.ୟୁ. ଭିତରକୁ ସିଫ୍‌ଟ କରି ନଥିଲେ ଗଡ଼ବଡ଼ ହୋଇଯିବାର ଯଥେଷ୍ଟ ସଂଭାବନା ଥିଲା ।"(କ୍ରମଶଃ)

---



ଅନୁବାଦ ଗଳ୍ପ

ମୂଳ ହିନ୍ଦୀ- କମଲ ଚୋପ୍ରା

## ଧର୍ମରକ୍ଷା

ଅନୁସୃଜନ:
### ବିନୟ କୁମାର ଦାସ

ମୁଁ ଭଲଭାବରେ ଜାଣିଥିଲି ମୁଁ ଯେଉଁ କାମ କରିବାକୁ ଯାଉଅଛି ସେଥିପାଇଁ ପୋଲିସ ମୋତେ ସନ୍ଦେହ କରିବ ଏବଂ ଯାବତୀୟ ଅବାନ୍ତର ପ୍ରଶ୍ନବାଣରେ ଘାଏଲା କରିଦେବ । ତଥାପି ମୋ ବିବେକ ମୋତେ ଏମିତି ଏକ କାମ କରିବା ପାଇଁ ଆଦେଶ ଦେଲା ଆଉ ମୁଁ ତା କଥା ମାନିନେଲି ।

ଶୋଚନୀୟ ଭାବରେ ଆଘାତପ୍ରାପ୍ତ ଦୁଇଜଣ ଲୋକ ବିଷ୍ଣୁପୁର ରାସ୍ତାରେ ପଡି ଛଟପଟ ହେଉଥିଲେ । ଆର୍ତ୍ତଚିତ୍କାର କରୁଥିଲେ । ଜଣେ ବିକଳ ହୋଇ କହୁଥିଲା.. ହେ ଭଗବାନ ଆଉ ଜଣେ କହୁଥିଲା ଆଲ୍ଲା ଆଲ୍ଲା । ମୁଁ ସେ ଦ୍ୱିତୀୟ ବ୍ୟକ୍ତିକୁ ସେମିତି ରକ୍ତ ଜଡସଡ ଅବସ୍ଥାରେ ନିଜ କାନ୍ଧରେ ପକାଇ ଧାଇଁଲି ହସପାତାଳକୁ । ତାର ଚିକିତ୍ସା ପାଇଁ ଡାକ୍ତରମାନେ ଅବଶ୍ୟ ତୁରନ୍ତ ପଦକ୍ଷେପ ନେଲେ । ମୋ ନାମ ଧାମ ଲେଖାହେଲା ପରେ ମୋତେ ପଚରାଗଲା , " କୋଉଠୁ ପାଇଲ ଏ ଲୋକକୁ ?"

" ବିଷ୍ଣୁପୁର ରାସ୍ତାରେ ପଡି ଛଟପଟ ହେଉଥିଲା । ବିକଳ ହୋଇ ସାହାଯ୍ୟ ମାଗୁଥିଲା ।"

" ସେଠି ଆଉ କିଏ ଥିଲା ?"

" ଆଉ ଜଣେ ବି ସେମିତି ତଳେ ପଡି କରୁଣ ଚିତ୍କାର କରୁଥିଲା । ହେଲେ ମୁଁ ତ ଆଉ ଦୁଇଜଣଙ୍କୁ ଏକୁଟିଆ ନେଇ ଆସି ପାରିନଥାନ୍ତି ।"

" ତୁମେ ଅନ୍ୟଲୋକକୁ ନଆଣି ଏହାକୁ ଆଣିଲ କଣ ପାଇଁ ? କିଛି ବିଶେଷ କାରଣ ?"


" ଏ ଲୋକଟି ମୁସଲମାନ ଜାଣିବା ପରେ ତାକୁ ନେଇ ଆସିଲି । କାରଣ ମୁଁ ଭାବିଲି ଅନ୍ୟ ଲୋକଟି ହିନ୍ଦୁ ଯେତେବେଳେ ବିଷ୍ଣୁପୁର ବାସୀଙ୍କର ନଜରକୁ ଆସିବା ମାତ୍ରେ ସେମାନେ ନିଶ୍ଚୟ ତାର ଚିକିତ୍ସା ର ବ୍ୟବସ୍ଥା କରିବେ । ହେଲେ ହୁଏତ ସେମାନେ ଏ ଲୋକଟିକୁ ଅଣଦେଖା କରିପାରନ୍ତି । ମୋ ଆଖି ଆଗରେ ଚିକିତ୍ସା ଅଭାବରେ ଏ ଲୋକଟିର କିଛି ହୋଇଯାଇଥିଲେ ମୁଁ ନିଜକୁ କେବେ କ୍ଷମା କରି ପାରିନଥାନ୍ତି । ମୋ ଧର୍ମ ମୋତେ ଏତିକି ଶିଖାଇଛି । ମୁଁ ମୋ ଧର୍ମ ପାଳନ କରିଛି । ତେଣିକି ଯିଏ ଯାହା ଭାବିବ ଭାବୁ, ମୋର ସେଥିରେ କିଛି ଯାଏ ଆସେନି । "

"ଏ ଦଙ୍ଗା ସମୟରେ ତୁମେ ସେଠିକି ଯାଇଥିଲ କଣ ପାଇଁ ?"

" ମୁଁ ପାଉଁରୁଟି ବିସ୍କୁଟ ସପ୍ଲାଇ କରେ । ସେହି ରାସ୍ତାରେ ଫେରୁଥିଲି । ହଠାତ୍ ଦଙ୍ଗା ଆରମ୍ଭ ହୋଇଗଲା । ଦୋକାନ ବଜାର ସବୁ ବନ୍ଦ ହୋଇଗଲା । ହାଣ କାଟ ଆରମ୍ଭ ହୋଇଗଲା । ଲୋକମାନେ ଯିଏ ଯାହାର ଏଣେତେଣେ ପଳାଇଗଲେ । ତାପରେ ମୁଁ ଏମାନଙ୍କୁ ଦେଖି ଜଣକୁ ଏଠାକୁ ନେଇଆସିଲି । ମୋ ଧର୍ମ ମୁଁ ରକ୍ଷା କରିପାରିଥିବାରୁ ମୋତେ ଅନେକ ମାନସିକ ଶାନ୍ତି ମିଳିଛି ।"


+ ଅନାମିକା ନୀଡ, ଅଂଗାରଗଡିଆ,
ବାଲେଶ୍ୱର-୧
ମୋ-୯୮୬୧୦୧୮୩୬୯


---



## ପୁଣିଥରେ କରୋନା ଫେରିଛି

### ଡକ୍ଟର ମନୋରଞ୍ଜନ ବିଷୋୟୀ

॥ ୧ ॥

ଦୈନିକ ସଂକ୍ରମଣ ବଢୁଛି । କରୋନାର ଦ୍ୱିତୀୟ ଲହର ଆତଙ୍କ ସାଜିଛି । ମୃତ୍ୟୁହାର ବି ବଢ଼ି ଚାଲିଛି । ଲକ୍‌ଡାଉନ୍, ସଟ୍‌ଡାଉନ୍ ସବୁ ପୁଣିଥରେ ଫେରିଛି । ଏବେ ପୁଣି ତୃତୀୟ ଲହର ଆସିବାର ଆଶଙ୍କା ଉପୁଜିଛି । ମିଲି ବାପାଙ୍କ ଅନୁପସ୍ଥିତି ଏ ବେଳରେ ବହୁତ ଅନୁଭବ କରୁଛି । ଘରେ କେବଳ ମିଲି ଆଉ ତା' ମାଆ । ବାପା ତା'ର ଦାଦନ ସାଜିଛି । ଟଙ୍କା ପାଇଁ ଦିନରାତି ଖଟି ମରୁଛି । କିଛି ଟଙ୍କା ରୋଜଗାର କଲେ ଝିଅ ମିଲିକୁ ଭଲ ଘରେ ବାହାଦେବ ବୋଲି ସ୍ୱପ୍ନ ଦେଖୁଛି । ତେଣୁ କରୋନାର ପ୍ରଥମ ଲହର ବେଳେ ଘରକୁ ଆସିଥିବା ବାପା ପୁଣି ଥରେ ଦାଦନ ସାଜିଛି । ଏବେ କରୋନାର ଦ୍ୱିତୀୟ ଲହର ଫେରିଛି । ତଥାପି ଘରଠୁ ଦୂରରେ ରହୁଥିବା ବାପା କଥା ଭାବି ମିଲି ବେଶ୍ ଖୁସି ଜଣାପଡୁଛି । କାରଣ ଏହି କରୋନାରେ ତା' ବାପା ପୁଣିଥରେ ଘରକୁ ଫେରି ଆସିବା ସଙ୍କେତ ମିଳୁଛି । ତେଣୁ ସେ ବାପାଙ୍କ ସୁରକ୍ଷିତ ଫେରିବା ବାଟକୁ ଚାହିଁ ବସିଛି ।

॥ ୨ ॥

ଏବେ ସଂକ୍ରମଣ ଉପରମୁହାଁ ରହୁଛି । କରୋନାର ଦ୍ୱିତୀୟ ଲହର ଘାତକ ସାଜିଛି । ଭୋଜିଭାତରେ ବି କଟକଣା ଲାଗିଛି । ବିବାହ ଭୋଜି ପାଇଁ ମାତ୍ର ପଚାଶ ଜଣକୁ ଅନୁମତି ମିଳିଛି । ଏସବୁ ଶୁଣି ବିଶ୍ୱମୋହନ ବାବୁ ବେଶ୍ ଖୁସି ଜଣାପଡ଼ନ୍ତି । ବିଚରା ବିଶ୍ୱମୋହନ ଚାରି ଝିଅର ଜନକ । ସ୍ୱଳ୍ପ ରୋଜଗାର । ଠେଲା ଗାଡ଼ି ନେଇ ବେପାର । ସେଥିରେ ପୁଣି ଏ କରୋନାର ପ୍ରହାର । ବେପାର ପୁରା ଠପ୍ ହୋଇଯାଇଛି । ଅଣ୍ଟା ସଳଖିବାକୁ ଆଉ ବଳ ନାହିଁ । ପୂର୍ବରୁ ଦୁଇଝିଅର ବାହାଘର ବେଳେ ଧାରକରଜରେ ବୁଡ଼ି ରହିଥିବା ବିଶ୍ୱମୋହନ ବାବୁଙ୍କ ପୁଣି ତୃତୀୟ ଝିଅର ବାହାଘର ଚିନ୍ତା ବଢ଼ିଛି । ସେଥିରେ ପୁଣି କରୋନା ସବୁ ବିଗାଡ଼ି ଦେଇଛି । ତଥାପି ବିଶ୍ୱମୋହନ ବାବୁ ଭାରି ଖୁସି ଜଣାପଡ଼ନ୍ତି ।

ଖୁସିର କାରଣ ପତ୍ନୀ ପଚାରିବାରୁ ଉତ୍ତରରେ ବିଶ୍ୱମୋହନ ବାବୁ କହନ୍ତି - ଏ କରୋନା ତ ଆମ ଝିଅ ବାହାଘର ବେଳେ ଋଣଭାର ଟିକେ କମ୍ କରିବାକୁ ଆସିଛି । ବରଘର ଡିମାଣ୍ଡ ଟିକେ କମିଛି । ଭୋଜିଭାତ, ରୋଷଣି ବାବଦ ଖର୍ଚ୍ଚ ବଞ୍ଚିଛି । କରୋନା ପୁଣିଥରେ ଫେରି ଆମ ଝିଅ ବାହାଘର ପାଇଁ ସହାୟକ ସାଜିଛି ।

॥ ୩ ॥

ଗାଁ ଗାଁ ବୁଲି ଖବର ସଂଗ୍ରହ କରୁଥିବା ଓ କରୋନାର ଭୟାବହ ସଂପର୍କରେ ଲୋକଙ୍କୁ ସଚେତନ କରାଉଥିବା ସାମ୍ବାଦିକ ଦିବାକର ବାବୁ ନିଜେ ନିଜେ ଖବର ପାଲଟି ଯିବେ ଏ କଥାକୁ କେହି ସହଜରେ ଗ୍ରହଣ କରିପାରୁ ନାହାନ୍ତି । କରୋନାରେ ଆକ୍ରାନ୍ତ ହୋଇ ସେ ପ୍ରାଣ ହରାଇବାର ଏ ଭିତରେ ବର୍ଷଟିଏ ବିତିଗଲାଣି ।

ଘରେ ଏକମାତ୍ର କୁନି ଝିଅ ଓ ପତ୍ନୀ ନିହାରିକାକୁ ନିଃସହାୟ କରି ଚାଲିଗଲେ ଦିବାକର ବାବୁ ।

ଏବେ ଖବରକାଗଜ ଓ ଟିଭିରେ ଖବର ଆସୁଛି- 'ପୁଣିଥରେ କରୋନା ଫେରିଛି' । ଏ ଖବର ଶୁଣି ଦିବାକର ବାବୁଙ୍କ କୁନି ଝିଅ ମନେ ମନେ ଖୁସି ହେଉଛି ଏବଂ ଦୌଡ଼ିଯାଇ ମାଆକୁ କହିଛି- 'ମାଆ, ମାଆ- ବାପା ଫେରି ଆସିପାରନ୍ତି । ମୁଁ ବାପାଙ୍କ ଫେରିବା ବାଟକୁ ଚାହିଁଛି ।

ଦିବାକର ବାବୁଙ୍କ ପତ୍ନୀ ଆଶ୍ଚର୍ଯ୍ୟ ହୋଇ ପଚାରିବାରୁ କୁନିଝିଅ କହୁଛି- 'ଗତବର୍ଷ କରୋନା ସହ ବାପା ଚାଲିଗଲେ । ଏବେ ପୁଣି କରୋନା ଫେରିଛି । ତେଣୁ ମୁଁ ବି ବାପାଙ୍କ ଫେରିବା ବାଟକୁ ଚାହିଁ ରହିଛି ।'


+ ସ୍ନାତକୋତ୍ତର ଓଡ଼ିଆ ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ,
ସଂପର୍କ: ୮୮୯୫୧୪୧୭୨୭

## ଶ୍ରୀଜଙ୍ଗର ଶାସ୍ତ୍ରଜ୍ଞ ମହିଳା ମାହେଶ୍ୱରୀ ରଥଙ୍କ ପରଲୋକ



ବାଲେଶ୍ୱର,୧୫/୦୫ (ନି.ପ୍ର): ଶ୍ରୀଜଙ୍ଗ ଅଞ୍ଚଳର ସ୍ୱର୍ଗତ ଲକ୍ଷ୍ମୀଧର ରଥଙ୍କ ପତ୍ନୀ ତଥା ଧର୍ମପରାୟଣା ମହିଳା ମାହେଶ୍ୱରୀ ରଥଙ୍କ ୯୪ ବର୍ଷ ବୟସରେ ପରଲୋକ ହୋଇଯାଇଛି। ପକ୍ଷାଘାତ ରୋଗରେ ପୀଡ଼ିତ ହୋଇ ଦୀର୍ଘ ୧୦ଦିନ ଘରୋଇ ନର୍ସିଂହୋମରେ ଚିକିତ୍ସିତ ହେବା ପରେ ୬ଦିନ ହେଲା ଜିଲା ସ୍କୁଲ ରୋଡ଼ସ୍ଥିତ ସାନପୁଅ ଅମୂଲ୍ୟ ଚନ୍ଦ୍ର ରଥଙ୍କ ଘରେ ରହୁଥିଲେ। ଗତକାଲି ରାତି ପ୍ରାୟ ୪ଟା ବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ମୃତ୍ୟୁ ବେଳକୁ ସାନପୁଅ ଅମୂଲ୍ୟଙ୍କ ସମେତ ବୋହୂ ପଦ୍ମଜା ରଥ, ନାତି ଓ ନାତୁଣୀ ଉପସ୍ଥିତ ଥିଲେ। ତାଙ୍କର ପ୍ରାର୍ଥିବ ଶରୀରକୁ ବାଲେଶ୍ୱରରୁ ଶ୍ରୀଜଙ୍ଗ ଗାଁକୁ ନିଆଯାଇ ସେଠାରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ସାନପୁତ୍ର ଅମୂଲ୍ୟ ମୁଖାଗ୍ନି ଦେଇଥିଲେ। ଅମୂଲ୍ୟଙ୍କ ସମେତ ଜ୍ୟେଷ୍ଠପୁତ୍ର ଅବସରପ୍ରାପ୍ତ ଶିକ୍ଷକ ହୃଷୀକେଶ ରଥ, ମଧ୍ୟମ ପୁତ୍ର ଅବସରପ୍ରାପ୍ତ ବ୍ୟାଙ୍କ ଅଧିକାରୀ ଗଙ୍ଗ ନାରାୟଣ ରଥ ପ୍ରଭୃତି ତାଙ୍କର ତିନିପୁତ୍ର ଅଛନ୍ତି। ଜଣେ ଧର୍ମପରାୟଣା, ପରୋପକାରୀ, ଦରଦୀ ତଥା ଶାସ୍ତ୍ରଜ୍ଞ ମହିଳା ଭାବେ ତାଙ୍କର ବିୟୋଗରେ ଶ୍ରୀଜଙ୍ଗ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ଓଳିନ୍ଦା ଗ୍ରାମ ହେଲା ସାନିଟାଇଜ୍

ଜଳେଶ୍ୱର,୧୫/୫ (ନି.ପ୍ର) : ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ରାଜପୁର ପଂଚାୟତର ଓଳିନ୍ଦା ରାଜସ୍ୱ ଗ୍ରାମକୁ ଆଜି ଶନିବାର ପଂଚାୟତ ପକ୍ଷରୁ ସାନିଟାଇଜ୍ କରାଯାଇଛି । ଏହି ଗ୍ରାମରେ ୯ଜଣ ବ୍ୟକ୍ତିଙ୍କ କରୋନା ପଜେଟିଭ୍ ରିପୋର୍ଟ ଆସିବାପରେ ସରପଂଚ ଦିଲ୍ଲିପ ପରିଡାଙ୍କ ସହିତ ୱାର୍ଡ ସଭ୍ୟ ନାରାୟଣ ମହାପାତ୍ର, ଗ୍ରାମ୍ୟମୁଖ୍ୟ ସମର ବଲ୍ଲଭ ସାହୁ, ଅଜୟ ସାହୁ, ଅଶୋକ ପ୍ରଧାନ, ରଂଜନ ବଡୁ, ଗୌରାଙ୍ଗ ରାୟ, ଅଜୟ ସାସମଲ, ଅଶୋକ ପ୍ରଧାନ, ପର୍ଶୁରାମ ଦେ, ବାବୁରାମ ଚାନ୍ଦ, ରବୀନ୍ଦ୍ର ସାସମଲ, ନିତ୍ୟଗୋପାଳ ଦେ, ଶିବନାରାୟଣ ସାହୁ ଓ ଅଜୟ ପରିଡା ପ୍ରମୁଖ ଗ୍ରାମର ଗଳିକନ୍ଦି ସହିତ ଘରକୁଘର ବୁଲି ସାନିଟାଇଜ୍ କରାଯାଇଛି ।

# ଚିହ୍ନଟ ହେଲେ ଜିଲ୍ଲାରୁ ୩୦୦ ଆକ୍ରାନ୍ତ, ସକ୍ରିୟ ସଂଖ୍ୟା ୨ ହଜାର ଟପିଲା

ଭଦ୍ରକ,୧୫/୦୫ (ନି.ପ୍ର): ଜିଲ୍ଲାରୁ ଚିହ୍ନଟ ହେଲେ ଆଉ ୩ଶହ ନୂଆ ଆକ୍ରାନ୍ତ। ଫଳରେ ଏବେ ଜିଲ୍ଲାର ମୋଟ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨ହଜାର ଅତିକ୍ରମ କରି ୨୨୦୨ ହୋଇଛି। ଯେତେବେଳେ କି ମୋଟ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ୧୧ହଜାର ୭୯୯ ଏବଂ ସୁସ୍ଥ ହୋଇଛନ୍ତି ୯୫୬୫। ନୂଆ ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରେ ଭଦ୍ରକ ପୌରପାଳିକା, ଭଦ୍ରକ ବ୍ଲକ, ତିହିଡି ବ୍ଲକ ଓ ଚାନ୍ଦବାଲି ବ୍ଲକର୧୦ଜଣ ଭୁବନେଶ୍ୱରର କିମ୍ସ୍ ଏବଂ କଟକର ଏସ୍‌ସିବି ମେଡିକାଲରେ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ବ୍ୟତୀତ ବନ୍ତ ବ୍ଲକର ନହୁଆ, ହରିପୁର, ଗଣିଜାଙ୍ଗ, ଓଡ଼ଙ୍ଗ, ବସନ୍ତିଆ, ରାଉତରାପୁର, ସୋନଗଡ଼ିଆ, ଜି.ପି.ପୁର, ପୁରୁଷଣ୍ଡ, ରାମଚନ୍ଦ୍ରପୁର, ମାଳତୀରା ପ୍ରଭୃତି ଗ୍ରାମରୁ ୨୭ଜଣ, ଚାନ୍ଦବାଲି ବ୍ଲକର ପୋଖରିଆସାହି, ମଉସୁଧା, ବିଜୟନଗର, ଧାମରା, ଭାଟପଡ଼ା, ନଳଗୋହିରା, ବାଜରାପୁର, ଜଳେଶ୍ୱରପୁର, ଯଶିପୁର, ପାଣୁଆଡିଆ, ଶାସନ, ଇଟୁଆ, ସାନଓସ୍ତିଆ, ତେନ୍ତୁଳିଡିହା, ରାଇଘରପୁର, ମୃଗନୟନୀ, କରଞ୍ଜମାଳ, ବାହାଡିହା, ହେଙ୍ଗୁପତି ଆଦି ଗ୍ରାମରୁ ୪୬ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ସେହିପରି ଭଣ୍ଡାରିପୋଖରୀ ବ୍ଲକର ନିର୍ଗୁଣ୍ଡି, ବୟାଁବନାପୁର, ନଗୁଆଁ, ବନସାହି, ମହୁରା, କୋଟଶିରା, ତୋଡଗାଁ ଗ୍ରାମରୁ ୯ଜଣ, ବାସୁଦେବପୁର ବ୍ଲକର ତେନ୍ତୁଳା, ନନ୍ଦପୁର, ଇରମ, ବ୍ରାହ୍ମଣୀଗାଁ, ବଚ୍ଛଦା, ଦହିବାମପୁର, ପଦ୍ମପୁର, ସୁଦର୍ଶନପୁର, ବାଲିମୁଣ୍ଡା, କରଞ୍ଜଆଡିଆ ପ୍ରଭୃତି ଗ୍ରାମରୁ ୧୫ ଜଣ ଚିହ୍ନଟ ହୋଇଛନ୍ତି। ବାସୁଦେବପୁର ପୌରପାଳିକାର ୧୨ନଂ ୱାର୍ଡ ଓ ୧୪ ନଂ ୱାର୍ଡରୁ ୨ଜଣ ଚିହ୍ନଟ ହୋଇଥିବା ବେଳେ ତିହିଡି ବ୍ଲକର ବୀରବରପୁର, କୁବେରା, ଅଚକ, ମାଟିଆସାହି, ବୋଡକ, ଦୋଳସାହି, ଗଦାଧରପୁର, ପୀରହାଟ, ବାରୋ, ମଙ୍ଗରାଜପୁର, ବିଲଣା, ଗୁଆମାଳ, କାଁପଡା, କୋହ୍ଲ, ମୁକୁନ୍ଦପୁର, ହାଟୁଆରି, ଝିଙ୍କିରିଆ, ସିନ୍ଦୋଳ, ତୋଟାପଡା, ମହରମପୁର, ତଳଗୋପବିନ୍ଧା, ବାରସର, ରାଜନଗର, ଗୋବିନ୍ଦପୁର, ସାମନ୍ତରାୟପୁରରୁ ମୋଟ ୫୫ଜଣ ଚିହ୍ନଟ ହୋଇଛନ୍ତି। ଧାମନଗର ବ୍ଲକର ଅର୍ଜୁନପୁର, ଦଇପୁର, ଦଳାଙ୍ଗ, ବି.ଜି.ପୁର, କୋଠାର, ତେନ୍ତୁଳିଗାଁ, କୋରୁଆ, ସାହାସପୁର, ଆମ୍ବିଳିଗାଁ, ପଳିକିରି, ଲୋକନାଥପୁର, ଷୋଳଗାଁ, ସାହାଡା, ମଣିନାଥପୁର ଗ୍ରାମରୁ ୨୬ଜଣ ଚିହ୍ନଟ ହୋଇଥିବା ବେଳେ ଧାମନଗର ଏନ୍‌ଏସିର ୨ଟି ୱାର୍ଡ ୩ ଓ ୪ରୁ ୪ଜଣ ଚିହ୍ନଟ ହୋଇଛନ୍ତି। ଚାନ୍ଦବାଲି ଏନ୍‌ଏସିର ଗୋଲାଡିଆ ଗ୍ରାମରୁ ୩ଜଣ, ଭଦ୍ରକ ପୌରପାଳିକାର ନିଳକଣ୍ଠପୁର, ନୂଆବଜାର, ସନ୍ଥିଆ, କଦମବେଢା, ଚନ୍ଦନବଜାର, ବାଇପାସ୍, ଉତ୍ତରବାହିନୀ, ଜଗନ୍ନାଥପୁର, ଚରମ୍ପା, ଛଡାକମହଲା, ପୁରୁଣାବଜାର, ଅପର୍ତ୍ତିବିନ୍ଧା, ଗବସାହି, କୁଆଁସ ଗ୍ରାମରୁ ୪୮ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ଭଦ୍ରକ ବ୍ଲକର ସାମରାଇପୁର, ପଦ୍ମପୁର, ଏରଡା, ରାନ୍ଦିଆ, ବାଉଦପୁର, ରାଣିତାଳ, ଚୁନିଦା, ଶ୍ରୀଧରପୁର, ବାଲିବିଲି, ନାଲଗରା, ରାହାଞ୍ଜା, ଚଣ୍ଡିଗାଁ, ସାମି, ବନ୍ଧଗାଁ, ବେନ୍ତାଳ, ବିଷ୍ଣୁପୁରବିନ୍ଧା, ଚରମ୍ପା, କମଳାପୁର, ମଉଦା, କୋଡବୋରୁଁଆ, ଓ କାଠୁଆସାହିରୁ ୪୪ଜଣ ଚିହ୍ନଟ ହୋଇଛନ୍ତି। ଅନ୍ୟ ଜିଲ୍ଲା ବାଲେଶ୍ୱର, କେନ୍ଦୁଝର, ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୧ଜଣ ଆକ୍ରାନ୍ତ ଭଦ୍ରକରୁ ଚିହ୍ନଟ ହୋଇଛନ୍ତି।

## ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଂପାଦକଙ୍କ ବିୟୋଗରେ ଶୋକସଭା




ବାରିପଦା,୧୫/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଶିକ୍ଷକ ଭବନ ଠାରେ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଂପାଦକ ସ୍ୱର୍ଗତଃ ମୂରଲୀଧର ନାଏକଙ୍କ ବିୟୋଗରେ ଏକ ଶୋକସଭା କୋଭିଡ ନିୟମାବଳୀ ମୁତାବକ ଅନୁଷ୍ଠିତ ହୋଇଯାଇଛି। ସଭା ଆରମ୍ଭରେ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତଃ ନାଏକ ବଡସାହି ବ୍ଲକ ଶିଆଳିଘାଟି ଗ୍ରାମରେ ୧୯୬୧ ମସିହା ନଭେମ୍ବର ୨୬ତାରିଖରେ ଜନ୍ମଗ୍ରହଣ କରି ଚଳିତ ମାସ ୧୦ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ପିଆରଏମ ମେଡକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସେ ଜଣେ ପରୋପକାରୀ, ଦକ୍ଷ, କର୍ତ୍ତବ୍ୟ ପରାୟଣ ଏବଂ ମିଷ୍ଟଭାଷୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଂଚଳରେ ପରିଚିତ ଥିଲେ। ସେ ବଡସାହି ବ୍ଲକ କାଉଚି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଜିଲ୍ଲାର ଏକ ଅପୂରଣୀୟ କ୍ଷତି ବୋଲି ଉପସ୍ଥିତ ସଭା ମଣ୍ଡଳୀ ନିଜନିଜ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। ଆୟୋଜିତ ଶୋକସଭାରେ ଜିଲ୍ଲା ଶିକ୍ଷକ ସଂଘର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର, ଶିବଶଙ୍କର ଅଧିକାରୀ, ପୂର୍ବତନ ଜିଲ୍ଲା ସଭାପତି ରତିକାନ୍ତ ସେଠୀ, ଜିଲ୍ଲା ସଂପାଦକ ବିମଳ କୁମାର ଆଚାର୍ଯ୍ୟ ଆଦି ଉପସ୍ଥିତ ରହି ସ୍ୱର୍ଗତଃ ନାଏକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଅକ୍ଷୟ ତୃତୀୟାରେ କିଷାନ କଂଗ୍ରେସ ପକ୍ଷରୁ ଅକ୍ଷିମୁଠି ଅନୁକୂଳ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ପାଳନ ଅବସରରେ ଆଜି ଓଡିଶା ପ୍ରଦେଶ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ରାଜ୍ୟ ସାଧାରଣ ସମ୍ପାଦକ ସାଇ ପ୍ରସାଦ ପାତ୍ର ଓ ଗଞ୍ଜାମ ଜିଲ୍ଲା କିଷାନ କଂଗ୍ରେସ ସଭାପତି ବୃନ୍ଦାବନ ଖଟୋଇଙ୍କ ତତ୍ୱାବଧାନରେ ଗଞ୍ଜାମ ଜିଲ୍ଲାର କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ଡେଙ୍ଗାପଦର ଗ୍ରାମରେ ପାରମ୍ପରିକ ବିଧି ଅନୁଯାଇ ଭୂମି ପୂଜା କରାଗଲା ପରେ କ୍ଷେତରେ ଅକ୍ଷି ମୁଠି ଅନୁକୂଳ କରାଯାଇଥିଲା । ଏହି ଅବସରରେ ରାଜ୍ୟ କିଷାନ ସେଲ୍ ଅଧ୍ୟକ୍ଷ ଶ୍ରୀ ପଟ୍ଟନାୟକ ରାଜ୍ୟର ସମସ୍ତ ଚାଷୀ ଭାଇଭଉଣୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇବା ସଙ୍ଗେ ସଙ୍ଗେ ସେମାନଙ୍କର ସୁଖଶାନ୍ତି, ସମୃଦ୍ଧି ଓ ପ୍ରଗତୀ କାମନା କରିଛନ୍ତି। ଚଳିତ ବର୍ଷର ଫସଲ ସୁନାର ଫସଲରେ ପରିଣତ ହେଉ ଓ ଉତ୍ତମ ପାଣିପାଗ ସୁଯୋଗ ସୃଷ୍ଟିକରୁ ବୋଲି ପ୍ରଭୁ ଜଗନ୍ନାଥ ଓ ମା ଲକ୍ଷ୍ମୀ ଠାକୁରାଣୀଙ୍କ ନିକଟରେ କଂଗ୍ରେସ ଦଳ ପକ୍ଷରୁ ପ୍ରାର୍ଥନା କରାଯାଇଛି ।

## କରୋନା ନୀତି ନିୟମ ମଧ୍ୟରେ ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ଅଖରେ ଲାଗିଲା ଚକ

ନୀଳଗିରି,୧୫/୦୫ (ନି.ପ୍ର): କରୋନା କଟକଣା ଭିତରେ ପୁଣି ଲକ୍‌ଡାଉନ, ସଟଡାଉନ ଭିତରେ ଓଡ଼ିଶାର ତୃତୀୟ ଶ୍ରୀକ୍ଷେତ୍ର ନୀଳଗିରିରେ ମହାପ୍ରଭୁ ଜଗନ୍ନାଥଙ୍କର ରଥଯାତ୍ରା ଉପଲକ୍ଷେ ଅଖରେ ଚକ ଲଗାଯାଇ ରଥ ନିର୍ମାଣ ପାଇଁ ଅନୁକୂଳ କରାଯାଇଅଛି । ରୀତିନୀତି ନିୟମ ଅନୁଯାୟୀ ବୈଶାଖ ମାସ ତ୍ରୋୟଦଶ ତିଥିରେ ଅକ୍ଷୟ ତୃତୀୟାରେ ପ୍ରଥମେ ଠାକୁରଙ୍କ ଦ୍ୱାରପିଠା, ଦେଉଳ ଶୋକ, ମଙ୍ଗଳ ଆରତୀ, ବେଶଉଲାଗି, ଅବକାଶ ନୀତି, ସୂର୍ଯ୍ୟପୂଜା, ରସହୋମ, ଦ୍ୱାରପାଳ ପୂଜା, ଯାତ୍ରା ଭୋଗ, ନୀତୀ ପରେ ଆଜ୍ଞାମାଳ ନେଇ ରାଧାକୃଷ୍ଣ, ମଦନମୋହନ, ଭୂଦେବୀ, ଶ୍ରୀଦେବୀ ରଥଖଳାକୁ ଯାଇ ଚନ୍ଦନ ବୋଲା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଦ୍ୟ ଦିନ ଠାରୁ ପ୍ରତିଦିନ ତିନି ଠାକୁରଙ୍କୁ ଚନ୍ଦନରେ ଲେପନ କରାଯାଇ ଥାଏ । ସକାଳ ଧୂପ ଓ ଦିନ ପହଡ଼ ପରେ ରାଜପରିବାର ପକ୍ଷରୁ ରାଜଗୁରୁ ରବିନ୍ଦ୍ର ମହାପାତ୍ରଙ୍କ ଉପସ୍ଥିତିରେ ଅଖରେ ଲଗାଯାଇଥିଲା ଚକ । ଏହି ଅବସରରେ ବ୍ରହ୍ମା ସରୋଜ ନନ୍ଦ, ପୂଣ୍ୟଶ୍ଲୋକ ନନ୍ଦ, ଦେବେନ୍ଦ୍ର ନନ୍ଦ ପ୍ରହରାଜ ହରିନାରାୟଣ ନନ୍ଦ, ପୂଜକ ହାଡ଼ିବନ୍ଧୁକର, ପ୍ରିୟବ୍ରତ କର, ମୃତ୍ୟୁଂଜୟ କର, ବିବେକାନନ୍ଦ କର, ରୂପେଶ ଶତପଥି, ସଂଜିବ ଆଚାର୍ଯ୍ୟ, ଠାକୁରମାହାଲର ସଦସ୍ୟ ରମେଶ ଦାସ, ନିରଂଜନ ମହାପାତ୍ର, ନବକିଶୋର ପରିଛା, ସମେତ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।

## ଖବର ପ୍ରସାରଣ ପରେ ପ୍ରଶାସନ ଚେତିଲା

ଜଳେଶ୍ୱର,୧୫/୫(ନି.ପ୍ର) : ଆଜି ଶନିବାର ଗଳାବାଟରେ ପର୍ଶ୍ଚିମବଂଗରୁ ଚାଲିଛି ଅବାଧ ପ୍ରବେଶ, ନାଁକୁ ସୀମା ସିଲ ଖବର ପ୍ରଚାରିତ ହେବା ପରେ ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକର ପ୍ରଶାସନ ତତ୍ପର ହୋଇ ଉଠିଛି। ପଶ୍ଚିମବଂଗରୁ କେତେକ ଦଲାଲ ମାନଙ୍କ ସହାୟତାରେ ପର୍ଶ୍ଚିମବଂଗର ଧୋଇପଡା ଓ ଜଳେଶ୍ୱର ବ୍ଲକର ନେତୁଆ ପଂଚାୟତ ଅଧିନ ଆଡିନଗାର ତ୍ରୀଶକ୍ତି ମାର୍କେଟ ରାସ୍ତାରେ ଅବାଧରେ ୨ ଚକିଆ ଓ ୪ଚକିଆ ଯାନ ଚଳାପ୍ରଚଳ କରୁଥିବା ପ୍ରଶାସନ ଆଡୁଆଳରେ ରହିଥିଲା । ଏ ସମ୍ପର୍କରେ ଖବର ପ୍ରଚାରିତ ହେବାପରେ ଜଳେଶ୍ୱର ଏସ୍‌ଡିପିଓଙ୍କ ସୂଚନାମୂଳେ, ଆଇଆଇସି ପର୍ଶୁରାମ ସାହୁ ଓ ନାମ୍ପୋ ଫାଣ୍ଡିର ଏଏସ୍‌ଆଇ ପ୍ରଫୁଲ୍ଲ କୁମାର ଅଟବୁଦ୍ଧିଙ୍କ ସହିତ ସରପଂଚ ମମତାରାଣୀ ହୁଇ, ରଣଜିତ୍ ହୁଇ ପ୍ରମୁଖ ଉପସ୍ଥିତ ହୋଇ ଉକ୍ତ ରାସ୍ତାକୁ ବେରିକେଟ କରି ପୁଲିସ୍ ମୁତୟନ କରାଯାଇଛି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଘରୋଇ କମ୍ପାନୀ କର୍ମଚାରୀଙ୍କ....

କରାଯାଉଛି କି ନାହିଁ, ସେନେଇ ଯାଂଚ କରିବାକୁ କମିଶନରେଟ ପୋଲିସ ଅତର୍କିତ ଭାବେ ଚଢ଼ାଉ କରିପାରିବ । ଯଦି ଗାଇଡ୍ ଲାଇନ୍ ଉଲଂଘନ ହୋଇଥିବା ନେଇ ପ୍ରମାଣ ମିଳେ ତେବେ ଉକ୍ତ ସଂସ୍ଥା ବିରୋଧରେ କଡ଼ା କାର୍ଯ୍ୟାନଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର କହିଛନ୍ତି। ଅଫିସ ବାହାନାରେ କିଛି ଅମାନିଆ ବାହାରେ ବୁଲୁଛନ୍ତି। ଅମାନିଆଙ୍କୁ ସାବାଡ଼ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି । ଏଣିକି ବିନା ପାସରେ ଆଉ କୌଣସି ବ୍ୟକ୍ତି ଅଫିସ୍ ଆଳ ଦେଖାଇ ବୁଲିପାରିବେ ନାହିଁ। ସବୁ ଘରୋଇ ସଂସ୍ଥା କର୍ମଚାରୀ ଏଣିକି ଇ-ପାସ୍ ଦେଖାଇଲେ ଅଫିସ୍ ଯାଇପାରିବେ। ଇ-ପାସ୍ ନଥିଲେ ଉକ୍ତ ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ଇ-ପାସ ପାଇବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ଇ-ଆପ୍ଲିକେସନ ବ୍ୟବସ୍ଥା ଆରମ୍ଭ କରାଯାଇଛି । ପୋଲିସ ପାସ୍ ଦେଉନଥିବାରୁ ଇ-ପରମିଶନ ଜରିଆରେ ଆବେଦନ କରିହେବ । ନିର୍ଦ୍ଦିଷ୍ଟ କେତେ କର୍ମଚାରୀଙ୍କୁ କାମ ପାଇଁ ଅନୁମତି ଦିଆଯିବ। ଇ-ପରମିଶନ ଓ ଆଇ-କାର୍ଡ ଦେଖାଇ ଅଫିସ ଯାଇପାରିବେ କର୍ମଚାରୀ ।

### ଗୋଟିଏ ଦିନରେ ୧୧୮୦୫....

ଦିଆଯାଇଥିବା ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରେ ସବୁଠାରୁ ଅଧିକ ୧୪୧୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୬୬୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ବାଲେଶ୍ୱରରୁ ୩୦୩ ଜଣ, ବରଗଡ଼ରୁ ୪୨୧ ଜଣ, ଭଦ୍ରକରୁ ୩୦୦ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସେହିପରି ବଲାଙ୍ଗୀରରୁ ୩୫୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବୌଦ୍ଧ ଜିଲ୍ଲାରୁ ୨୪୬, କଟକରୁ ୧୧୯୭ ଜଣ, ଦେବଗଡ ଜିଲ୍ଲାରୁ ୧୦୯ ଜଣ, ଢେଙ୍କାନାଳ ଜିଲ୍ଲାରୁ ୨୮୦ ଜଣ, ଗଜପତି ଜିଲ୍ଲାରୁ ୧୧୫, ଗଞ୍ଜାମରୁ ୩୩୧ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୨୭୪ ଜଣ, ଯାଜପୁରରୁ ୩୯୨ଜଣ, ଝାରସୁଗୁଡ଼ାରୁ ୩୨୭ ଜଣ, କଳାହାଣ୍ଡିରୁ ୩୭୭ ଜଣ, କନ୍ଧମାଳ ଜିଲ୍ଲାରୁ ୮୩ ଜଣ. କେନ୍ଦ୍ରାପଡ଼ାରୁ ୧୪୭ ଜଣ, କେନ୍ଦୁଝରରୁ ୧୮୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଖୋର୍ଦ୍ଧାରୁ ୧୪୧୪ ଜଣ, କୋରାପୁଟରୁ ୧୯୬ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୯୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ମୟୂରଭଞ୍ଜରୁ ୩୭୪ ଜଣ, ନବରଙ୍ଗପୁରରୁ ୨୩୯ ଜଣ, ନୟାଗଡ଼ରୁ ୨୮୦ ଜଣ, ନୂଆପଡ଼ାରୁ ୩୦୭ ଜଣ, ପୁରୀରୁ ୩୮୮ ଜଣ, ରାୟଗଡ଼ାରୁ ୧୩୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସମ୍ବଲପୁରରୁ ୫୫୩ ଜଣ, ସୋନପୁରରୁ ୨୧୪ ଜଣ, ସୁନ୍ଦରଗଡ଼ରୁ ୧୨୦୯ ଜଣ ଓ ଷ୍ଟେଟ୍ ପୁଲରୁ ୨୮୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

### ପଶ୍ଚିମବଙ୍ଗରେ ଘୋଷଣା ହେଲା....

ଯାନ ବାହନ ଚଳାଚଳ ବନ୍ଦ । ଲୋକାଲ ଟ୍ରେନ. ମେଟ୍ରୋ ସେବା, ବସ୍ ସେବା ଓ ରେଳ ସେବା ବନ୍ଦ ରହିବ ବୋଲି ନିର୍ଦ୍ଦେଶରେ କୁହାଯାଇଛି । ଫଳ, ପନିପରିବା, ଦୁଗ୍ଧ ଦୋକାନ ସକାଳ ୭ ରୁ ଦିନ ୧୦ ଟା ଯାଏଁ ଖୋଲା ରହିବ । ମିଠା ଦୋକାନ ସନ୍ଧ୍ୟା ୫ ଟା ପର୍ଯ୍ୟନ୍ତ ଖୋଲା ରହିବ । ବ୍ୟାଙ୍କଗୁଡିକ ସକାଳ ୧୦ ରୁ ଦିନ ୨ ଟା ପର୍ଯ୍ୟନ୍ତ ଖୋଲା ରହିବ । ବାହାଘରରେ ୫୦ ଓ ଅନ୍ତିମ ସଂସ୍କାର ବେଳେ ୨୦ ଜଣ ଲୋକଙ୍କୁ ଅନୁମତି ମିଳିବ ।

### ପୋଲ ତଳକୁ ଖସିଲା କାର....

ହରାଇ ତଳକୁ ଖସି ପଡିଥିଲା। ଫଳରେ ଚାଳକ ସମେତ ୫ଜଣଙ୍କୁ ଗୁରୁତର ଆହତ ଅବସ୍ଥାରେ ଶିଙ୍ଖାଞ୍ଚଳ ପୁଲିସ ଓ ସ୍ଥାନୀୟ ବାସିନ୍ଦା ଉଦ୍ଧାର ସହ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ଡାକ୍ତର ତିନି ଜଣଙ୍କୁ ମୃତ ଘୋଷଣା କରିଥିଲେ। ମୃତକ ମାନେ ହେଲେ ମୟୁରଭଞ୍ଜ ଜଲା ଖଣ୍ଟା ଥାନା ଅନ୍ତର୍ଗତ ଚିଲିମା ଗ୍ରାମର ପିଣ୍ଟୁ ଆଚାର୍ଯ୍ୟ, ବାରିପଦା ଟାଉନଥାନା ଅନ୍ତର୍ଗତ ତକତପୁର ଅଞ୍ଚଳର ରବୀନ୍ଦ୍ର ସାହୁ ଓ ସନ୍ତୋଷ ପଣ୍ଡା । ଅନ୍ୟ ଦୁଇଜଣ ଗୁରୁତର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ଜଣାପଡିଛି । ଏନେଇ ଶିଙ୍ଖାଞ୍ଚଳ ଥାନା ପୁଲିସ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି।

### କୋଭିସିଲ୍ଡ ଟିକାର ଦୁଇଟି ଡୋଜ ....

୧୨ ସପ୍ତାହ ପରେ ଦ୍ୱିତୀୟ ଡୋଜ୍ ନେବାପାଇଁ ଇଂଲଣ୍ଡରେ ନିୟମ ରହିଥିଲା । ହେଲେ ଏବେ ଏହାକୁ କମାଇ ୮ ସପ୍ତାହ କରି ଦିଆଯାଇଛି । ଆହୁରି ଆଶ୍ଚର୍ଯ୍ୟଜନକ କଥାହେଲା ଭାରତରେ ଦ୍ରୁତ ସଂକ୍ରମିତ ହେଉଥିବା କରୋନାର ନୂଆ ଭୂତାଣୁ ବି.୧.୬୧୭କୁ ଦେଖି ଏହିଭଳି ସତର୍କତା ଗ୍ରହଣ କରାଯାଇଥିବା କହିଛନ୍ତି ଇଂଲଣ୍ଡ ପ୍ରଧାନମନ୍ତ୍ରୀ ବୋରିସ ଜନସନ୍ । ତେଣୁ ପ୍ରକୃତରେ କେତେଦିନର ବ୍ୟବଧାନରେ ଦ୍ୱିତୀୟ ଡୋଜି ଟିକାନେଲେ ଏହା ଅଧିକ ପ୍ରଭାବୀ ହେବ, ତାକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି ।

### ଏଥର ସଅଳ ଆସିବ ଦକ୍ଷିଣ ....

ଗତି କରି ବଙ୍ଗୋପସାଗର ମୁହାଁ ହୁଏ। ଏହି ଅନୁଯାୟୀ ମେ' ୨୨ ତାରିଖ ଆଡ଼କୁ ଆଣ୍ଡାମାନ ସାଗରର ମୌସୁମୀ ବର୍ଷା ଆରମ୍ଭ ହୋଇଯିବ । ଗତ ୧୬ ବର୍ଷ ଧରି ଭାରତୀୟ ପାଣିପାଗ ବିଭାଗ ମୌସୁମୀର ଆଗମନକୁ ନେଇ କରିଥିବା ଆକଳନ ସଠିକ୍ ପ୍ରମାଣିତ ହୋଇଛି । ଚଳିତ ବର୍ଷ ମଧ ଆଇଏମ୍‌ଡିର ଆକଳନ ଆନୁଯାୟୀ ସଠିକ୍ ସମୟରେ ମୌସୁମୀ କେବଳ ଛୁଇଁବ ବୋଲି ଆଇଏମ୍‌ଡି ଦାବି କରିଛି ।

## ଅର୍ଗସ ସାଟେଲାଇଟର ଶୁଭାରମ୍ଭ

ଭୁବନେଶ୍ୱର,୧୫/୦୫(ନି.ପ୍ର): ମାନବ ସେବା ହିଁ ମାଧବ ସେବା। ଆଜି ସମୟରେ ଠିକ୍ ସମୟରେ ସଠିକ୍ ସମ୍ବାଦ ପରିବେଷଣ ମଧ ମାନବସେବା । ଆଉ ଅର୍ଗସ ଏପରି କାର୍ଯ୍ୟ ସୁଚାରୁ ରୂପେ ସମ୍ପାଦନ କରିବ ବୋଲି କହିଛନ୍ତି ଦେଶର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ । ଶନିବାର ଦିନ ଡିଜିଟାଲ ପ୍ଲାଟଫର୍ମରେ ଥିବା ଅର୍ଗସର ସାଟେଲାଇଟର ଉଦଘାଟନୀ ଉତ୍ସବକୁ ଭର୍ଚୁଆଲ ପ୍ଲାଟଫର୍ମରେ ଲୋକାର୍ପଣ କରି କେନ୍ଦ୍ରମନ୍ତ୍ରୀ ଶ୍ରୀମତୀ ସୀତାରମଣ କହିଛନ୍ତି ଯେ, ନିରପେକ୍ଷତାର ସହ ସାଧାରଣ ଲୋକ ବୁଝିପାରୁଥିବା ଭାଷାରେ ଖବର ପହଂଚାଇବା ହିଁ ଗଣମାଧ୍ୟମର ମୂଳମନ୍ତ୍ର ହେବା ଦରକାର। ଶୁଦ୍ଧ ଓ ସଠିକ ଓଡ଼ିଆ ଭାଷାରେ ଖବର ପ୍ରସାରଣ ଓଡ଼ିଆ ମାଟି ପାଇଁ ଏକ ବଡ଼ ସେବା ହେବ। ଏଥିସହିତ ଓଡିଶାର ସଂସ୍କୃତି ଓ ନାରୀ ସଶକ୍ତିକରଣ ଉପରେ ଆଲୋକପାତ କରିଥିଲେ ଶ୍ରୀମତୀ ସୀତାରମଣ। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ଉତ୍କଳର ମହାନ ପରମ୍ପରା ଉପରେ ମତ ରଖିଥିଲେ କେନ୍ଦ୍ର ଅର୍ଥମନ୍ତ୍ରୀ । ଏହି ଅବସରରେ ଯୋଗଦେଇବିଶିଷ୍ଟ ଲେଖିକା ପ୍ରତିଭା ରାୟ କହିଥିଲେ, ଓଡ଼ିଶାର କୃଷି, ସାହିତ୍ୟ ଓ ସଂସ୍କୃତିକୁ ଗଣମାଧ୍ୟମ ଦେଖାଇବ। କିନ୍ତୁ ଆଜି ବି ସମାଜରେ ଥିବା ଅନ୍ଧବିଶ୍ୱାସକୁ ଦୂର କରିବାକୁ ଗଣମାଧ୍ୟମ ଚେଷ୍ଟା କରିବା ଦରକାର । ସେ ଆଶା ବ୍ୟକ୍ତ କରି କହିଛନ୍ତି ଅର୍ଗସ ମାଟିର କଥା କହିବ ଏବଂ ଓଡ଼ିଆ ଭାଷାର କଥା କହିବ । ସେହିପରି ସମ୍ମାନୀତ ଅତିଥି ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ କବିତା ଆବୃତି କରି ଓଡିଶାର କଳା ସଂସ୍କୃତିକୁ ବଖାଣିଥିଲେ । ଗୀତରେ ଗୀତରେ ଓଡିଶା ଏବଂ ଓଡିଆବାସୀଙ୍କ କଥା କହିଥିଲେ । ଆଉ ଅର୍ଗସ ସାଧାରଣ ଲୋକଙ୍କ ପାଇଁ କାମ କରିବାକୁ କହିଥିଲେ । ଅର୍ଗସର ମୁଖ୍ୟ ସମ୍ପାଦକ ସଞ୍ଜୟ ଜେନା ଅତିଥି ପରିଚୟ ପ୍ରଦାନ କରିବା ସହ ଅର୍ଗସର ୩ ବର୍ଷର ଯାତ୍ରା ଉପରେ ଆଲୋକପାତ କରିଥିଲେ। ସତ୍ୟର ସନ୍ଧାନ ଅର୍ଗସ ସବୁବେଳେ ଲୋକଙ୍କ ସହିତ ନାରାର ବାଖ୍ୟା କରିବା ସହ ତୃଣମୂଳ ତଥା ସାଧାରଣ ଗରିବ ଲୋକଙ୍କୁ ଖବରର କେନ୍ଦ୍ରବିନ୍ଦୁ କରିବ ବୋଲି କହିଥିଲେ ।

# ଆଜି ସର୍ବାଧିକ ୪୮୦ ନୂତନ କରୋନା ଆକ୍ରାନ୍ତ ଚିହ୍ନଟ



ବାରିପଦା,୧୫/୦୫ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାରେ କରୋନାରେ ନୂତନ ସଂକ୍ରମିତଙ୍କ ସଂଖ୍ୟା ଦିନକୁ ଦିନ କ୍ରମାଗତ ଭାବରେ ବୃଦ୍ଧି ପାଉଥିବାର ଦେଖାଯାଉଛି । ଗତ ଦୁଇ ଦିନ ତଳେ ଦୈନିକ ସଂକ୍ରମଣ ୨ଶହ ପାଖାପାଖି ଥିବା ବେଳେ, ଗତକାଲି ନୂତନ ସଂକ୍ରମିତଙ୍କ ସଂଖ୍ୟା ଥିଲା ୪୦୪ଜଣ ତେବେ ଆଜି ଏହି ସଂଖ୍ୟା ୪୮୦ ରେ ପହଂଚିଥିବାର ଜଣାଯାଇଛି । ୨ୟ ଲହରୀରେ ପ୍ରଥମ ଥର ପାଇଁ ଜିଲ୍ଲାରେ ଆଜି ୪୮୦ ଜଣ ନୂତନ କରୋନା ସଂକ୍ରମିତ ଚିହ୍ନଟ ହେବାର ରିପର୍ଟ ଆସିବା ପରେ ଜିଲ୍ଲା ପ୍ରସାଶନର ମୁଣ୍ଡବ୍ୟଥା ବଢିଥିବାର ଦେଖାଯାଇଛି । ଅମାନିଆ ମାନଙ୍କ ପାଇଁ ଜିଲ୍ଲାରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଅହେତୁକ ଭାବେ ବୃଦ୍ଧି ପାଉଥିବା ବେଳେ, ମୟୂରଭଞ୍ଜ ଜିଲ୍ଲା ପୋଲିସ ପକ୍ଷରୁ ଅମାନିଆକୁ ସାବାଡ଼ କରୁଥିବା ଦେଖାଦେଇଛି। ତେବେ କୋଭିଡ ପରିଚାଳନାରେ ମଧ୍ୟ କିଛି ତୃଟି ନଜରକୁ ଆସୁଥିବାରୁ ଲୋକେ ପ୍ରତିକ୍ରିୟା ଶୀଳ ହେଉଥିବାର ଦେଖାଯାଉଛି । ସଂଗରୋଧ କେନ୍ଦ୍ରରୁ ପ୍ରବାସୀ ମାନେ ଫେରାର ହେବା, କଡା ଯାଂଚ ସତ୍ୱେ ପ୍ରବାସୀ ମାନେ ସୀମା ଡେଇଁ ଅନାୟାସରେ ଜିଲ୍ଲାକୁ ପ୍ରବେଶ କରୁଥିବା, ବ୍ୟବହୃତ ପିପିଇ କିଟ ରାସ୍ତା କଡରେ ପଡରହିବା, କୋଭିଡ ମୃତ୍ୟୁର ସଠିକ ସୂଚନା ନମିଳିବା ଭଳି ଘଟଣାକୁ ନେଇ ଜନସାଧାରଣରେ ବିଭିନ୍ନ ସମାଲୋଚନା ଶୁଣାଯାଉଥିବା ବେଳେ, ବିଭାଗୀୟ ଉଚ୍ଚ ପଦାଧିକାରୀ ମାନେ ମଧ୍ୟ ହେଉଥିବା ତୃଟିକୁ ସୁଧାରିବା ପାଇଁ ଯତ୍ନବାନ ହେଉନଥିବାକୁ ନେଇ ଉଠିଛି ପ୍ରଶ୍ନବାଚୀ । ତେବେ କରୋନା ସଂକ୍ରମଣର ଚେନକୁ ବ୍ରେକ ଦେବା ପାଇଁ ସରକାର ଲକଡାଉନ ଓ ସପ୍ତାହାନ୍ତ ସଟଡାଉନ ଲାଗୁ କରିଥିବା ବେଳେ, ପ୍ରଥମେ ପ୍ରଥମେ ସଂକ୍ରମଣର ହାର କମଥିବା ବେଳେ ଲୋକେ ନିୟମ କଡାକଡି ମାନୁଥିଲେ । କିନ୍ତୁ ଏବେ ସଂକ୍ରମଣ ବଢୁଥିବା ବେଳେ, କିଛି ଲୋକ ଅମାନିଆ ହୋଇ ବଜାରରେ ବୁଲି ଅଯଥା ଭୀଡ କରିବାର ଦେଖାଯାଉଛି । ଗରୀବ ମଧ୍ୟବିତ୍ତ ଶ୍ରେଣୀର ଉଠା ଦୋକାନୀ, ଶ୍ରମୀକ ଆଦି ଅଭାବୀ ମଣୀଷ ମାନେ ନିଜର ଜୀବିକା ନିର୍ବାହ ପାଇଁ ବାଧ୍ୟ ହୋଇ ବାହାରକୁ ବାହାରୁଥିବା ଦେଖାଯାଉଛି। ତେବେ ଶନିବାର ଓ ରବିବାର ସପ୍ତାହାନ୍ତ ସଟଡାଉନ ଥିବାରୁ ଆଜି ବାରିପଦା ମାର୍କେଟରେ ପ୍ରବଳ ଭୀଡ ପରିଲକ୍ଷିତ ହୋଇଥିଲା । ଲୋକମାନେ ଆବଶ୍ୟକତା ଠାରୁ ଅଧିକ ଜିନିଷ କିଣୁଥିବାରୁ ବିଭିନ୍ନ ଅତ୍ୟାବଶ୍ୟକ ଦ୍ରବ୍ୟର କଳାବଜାରୀ ମଧ୍ୟ ବଢୁଥିବାର ଲକ୍ଷ୍ୟ କରାଯାଉଛି ।

## ରାଜ୍ୟରେ ଗତ ୨୪ ଘଂଟାରେ କରୋନାରେ ୨୧ ଜଣଙ୍କର ମୃତ୍ୟୁ

ଭୁବନେଶ୍ୱର,୧୫/୦୫(ନି.ପ୍ର): ରାଜ୍ୟରେ ଗତ ୨୪ ଘଂଟା ମଧ୍ୟରେ ରାଜ୍ୟରେ କରୋନାରେ ୨୧ ଜଣ ରୋଗୀଙ୍କର ମୃତ୍ୟୁ ଘଟିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ଏହା ସହ ରାଜ୍ୟରେ କରୋନା କାରଣରୁ ମୃତ୍ୟୁ ସଂଖ୍ୟା ବଢି ୨୨୯୪ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ତଥ୍ୟ ଅନୁସାରେ ଖୋର୍ଦ୍ଧାରୁ ସର୍ବାଧିକ ୪ଜଣ କରୋନାରେ ଜୀବନ ହାରିଛନ୍ତି । ସେହିପରି ଅନୁଗୋଳରୁ ୩ଜଣ, କେନ୍ଦ୍ରାପଡା, ପୁରୀ କଳାହାଣ୍ଡି, ରାୟଗଡା ଓ ସୁନ୍ଦରଗଡ ଜିଲ୍ଲାରୁ ୨-୨ ଜଣ, ବୌଦ୍ଧ, ଗଜପତି, ନୂଆପଡା, କୋରାପୁଟ ଜିଲ୍ଲାରୁ ଜଣେ ଲେଖାଏଁ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି । ଅନୁଗୁଳ ଜିଲ୍ଲାର ଜଣେ ୭୪ ବର୍ଷୀୟ କରୋନା ସଂକ୍ରମିତ ମହିଳାଙ୍କ ମୃତ୍ୟୁ ଘଟିଛି । ସେହିପରି ଏହି ଜିଲ୍ଲାର ଜଣେ ୮୨ ବର୍ଷୀୟ ପୁରୁଷ, ଜଣେ ୩୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଭୁବନେଶ୍ୱରର ଜଣେ ୭୦ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି ଭୁବନେଶ୍ୱରର ଜଣେ ୭୮ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ଗଜପତି ଜିଲ୍ଲାର ଜଣେ ୮୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ଓ ବୌଦ୍ଧ ଜିଲ୍ଲାର ଜଣେ ୬୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି କଳାହାଣ୍ଡି ଜିଲ୍ଲାର ଜଣେ ୪୭ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ତଥା ଏହି ଜିଲ୍ଲାର ଅନ୍ୟ ଜଣେ ୫୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ସେହିପରି କେନ୍ଦ୍ରାପଡା ଜିଲ୍ଲାର ଜଣେ ୭୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତ ତଥା ଏହି ଜିଲ୍ଲାର ଜଣେ ୫୬ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଖୋର୍ଧା ଜିଲ୍ଲାର ଜଣେ ୪୪ ବର୍ଷୀୟା ପୁରୁଷ କରୋନା ଆକ୍ରାନ୍ତ ତଥା ଏହି ଜିଲ୍ଲାର ଜଣେ ୬୧ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ପୁରୀ ଜିଲ୍ଲାର ଜଣେ ୬୫ ବର୍ଷୀୟ ମହିଳା କରୋନା ଆକ୍ରାନ୍ତ ଓ ଏହି ଜିଲ୍ଲାର ଅନ୍ୟ ଜଣେ ୪୬ ବର୍ଷୀୟ କରୋନା ଆକ୍ରାନ୍ତ ପୁରୁଷଙ୍କ ମୃତ୍ୟୁ ଘଟିଛି । କୋରାପୁଟ ଜିଲ୍ଲାର ଅନ୍ୟ ଜଣେ ୫୫ ବର୍ଷୀୟ ପୁରୁଷ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି । ନୂଆପଡା ଜିଲ୍ଲାର ଅନ୍ୟ ଜଣେ ୪୨ ବର୍ଷୀୟ ମହିଳା କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି ।

# କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ କେନ୍ଦ୍ରମନ୍ତ୍ରୀଙ୍କ ପତ୍ର

ନୂଆଦିଲ୍ଲୀ/ଭୁବନେଶ୍ୱର,୧୫/୦୫ (ନି.ପ୍ର): ଓଡ଼ିଶାର ୧୫ଟି ଜିଲ୍ଲାରେ ଅତିରିକ୍ତ ୧୯ଟି ପ୍ରେସର ସ୍ୱିଙ୍ଗ ଆଡ୍‌ଜର୍ପସନ (ପିଏସଏ) ମେଡ଼ିକାଲ ଅକ୍ସିଜେନ୍ ପ୍ଲାଂଟ୍‌ର ବ୍ୟବସ୍ଥା କରିବା ପାଇଁ ତରୁନ୍ତ ବ୍ୟକ୍ତିଗତ ହସ୍ତକ୍ଷେପ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡା. ହର୍ଷବର୍ଦ୍ଧନଙ୍କୁ ପତ୍ର ଲେଖି ଅନୁରୋଧ କରିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡ଼ିଶାରେ କେନ୍ଦ୍ର ସରକାରଙ୍କ ଦ୍ୱାରା ୨୧ଟି ପିଏସଏ ପ୍ଲାଂଟ ସ୍ଥାପନ ହେଉଥିବା ବେଳେ ଏଭଳି ଆହୁରି ୧୫ଟି ଜିଲ୍ଲାରେ ୧୯ଟି ପିଏସଏ ପ୍ଲାଂଟ ସ୍ଥାପନା ପାଇଁ ଶ୍ରୀ ପ୍ରଧାନ ଅନୁରୋଧ କରିଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଭାରତ କୋଭିଡ-୧୯ର ଦ୍ୱିତୀୟ ଲହରୀ ସହ ଲଢ଼େଇ କରୁଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାର ମୁକାବିଲା ପାଇଁ ବଳିଷ୍ଠ ପଦକ୍ଷେପ ନେବା ତଥା ରାଜ୍ୟ ଗୁଡ଼ିକୁ ଯଥାସମ୍ଭବ ସହାୟତା ଯୋଗାଇ ଦେବାକୁ ଆହ୍ୱାନ କରିଛନ୍ତି। ସେହିପରି ଓଡ଼ିଶାରେ କୋଭିଡ୍ ପ୍ରସ୍ତୁତି ଓ ପରିଚାଳନା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଥିବାରୁ ଶ୍ରୀ ପ୍ରଧାନ କୃତଜ୍ଞତା ଜଣାଇଛନ୍ତି। ଶ୍ରୀ ପ୍ରଧାନ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ଗତ ମାସରେ ଜନସ୍ୱାସ୍ଥ୍ୟ ସୁବିଧା ପାଇଁ ପ୍ରଧାନମନ୍ତ୍ରୀ ସମଗ୍ର ଭାରତ ବର୍ଷରେ ପିଏମ କେୟାର୍ସ ଫଣ୍ଡରୁ ୫୫୧ ସମର୍ପିତ ପିଏସଏ ମେଡ଼ିକାଲ ଅକ୍ସିଜେନ ପ୍ରତିଷ୍ଠା ପାଇଁ ଜରୁରୀକାଳୀନ ମଞ୍ଜୁରୀ ଦେଇଥିଲେ। ପୂର୍ବରୁ ମଧ୍ୟ ଅତିରିକ୍ତ ୧୬୨ ପିଏସଏ ପ୍ଲାଂଟ୍ ସ୍ଥାପନା ପାଇଁ ଆବଂଟନ କରିଥିଲେ। ତନ୍ମଧ୍ୟରୁ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟ ୨୧ଟି ପିଏସଏ ପ୍ଲାଂଟ୍ ସ୍ଥାପନା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏଥିରୁ ଡ଼ିଆରଡ଼ିଓ ଦ୍ୱାରା ୭ଟି, ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ଦ୍ୱାରା ୭ଟି ଏବଂ ଭାରତ ସରକାରଙ୍କ ପିଏମ କେୟାର୍ସ ଫଣ୍ଡରୁ ୭ଟି ପିଏସଏ ପ୍ଲାଂଟ୍ ପ୍ରତିଷ୍ଠା ହେବା ପାଇଁ ନିଷ୍ପତି ନିଆଯାଇଥିଲା। ମାତ୍ର ଓଡ଼ିଶାରେ କୋଭିଡ୍-୧୯ର ଦ୍ୱିତୀୟ ଲହରର ବ୍ୟାପକତା କାରଣରୁ ରାଜ୍ୟର ଆହୁରି ଅଧିକ ଜିଲ୍ଲାକୁ ସହଯୋଗର ଆବଶ୍ୟକତା ରହିଛି । ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତାବିତ ଅତିରିକ୍ତ ୧୯ ପିଏସଏ ମେଡ଼ିକାଲ ଅକ୍ସିଜେନ ପ୍ଲାଂଟ୍ ବାଲେଶ୍ୱର, ବଲାଙ୍ଗିର, ଗଞ୍ଜାମ, ମୟୂରଭଞ୍ଜ ଜିଲ୍ଲାରେ ୨ଟି ଲେଖାଁଏ ଏବଂ କଟକ, ଦେବଗଡ଼, ଢେଙ୍କାନାଳ, ଜଗତସିଂହପୁର, କେନ୍ଦ୍ରାପଡା, ଖୋର୍ଦ୍ଧା, କୋରାପୁଟ, ପୁରୀ, ରାୟଗଡ଼ା, ସମ୍ବଲପୁର ଏବଂ ସୋନପୁରରେ ଗୋଟିଏ ଗୋଟିଏ ଲେଖାଁଏ ଅକ୍ସିଜେନ୍ ପ୍ଲାଂଟ ସ୍ଥାପନା ପାଇଁ ସେ ଅନୁରୋଧ କରିଛନ୍ତି।

# ବିଶ୍ୱ କଲ୍ୟାଣ ସଂସ୍ଥାନ ପକ୍ଷରୁ ଶାନ୍ତି ଧାମରେ ବୃକ୍ଷ ରୋପଣ



ବାଲିଆପାଳ,୧୫/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ ଅନ୍ତର୍ଗତ ଜମ୍ବିରାଇ ଗ୍ରାମରେ ଥିବା ଶାନ୍ତିଧାମ ପରିସରରେ ବିଶ୍ୱ କଲ୍ୟାଣ ସଂସ୍ଥାନ ପକ୍ଷରୁ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବିଶ୍ୱକଲ୍ୟାଣ ସଂସ୍ଥାନର ମୁଖ୍ୟ ଇଂ.ଜଗଦୀଶ ମିଶ୍ରଙ୍କ ସମେତ ଡ. ଅଜୟ କୁମାର ମିଶ୍ର, ପୂର୍ବତନ ସରପଞ୍ଚ ଅମରେଶ ମିଶ୍ର, ହୃଷିକେଶ ମିଶ୍ର, ନାରାୟଣ ବର, ଚନ୍ଦନ ପଣ୍ଡା, ସତ୍ୟାନନ୍ଦ ବିଶ୍ୱାଳ, ବେଣୁଧର ପଣ୍ଡା, ଜମ୍ବିରାଇ ପଂଚାୟତର ଆଶାକର୍ମୀ ଅଞ୍ଜନା ପଣ୍ଡା, ସମାଜ ସେବୀ ଆଲୋକ ପଣ୍ଡା, କାହ୍ନୁ ରାଉତ ପ୍ରମୁଖ ଯୋଗ ଦେଇ ପବିତ୍ର ଅକ୍ଷୟତୃତୀୟା ତିଥିରେ ବୃକ୍ଷରୋପଣ କରିଥିଲେ । ଏହି ତିଥିରେ ଚାଷୀମାନେ ଚାଷକାର୍ଯ୍ୟ ଶୁଭାରମ୍ଭ କରିବା ସହ ବିଲକୁ ଅକ୍ଷୀମୁଠି ନେଇ ଚାଷର ଅନୁକୂଳ କରିଥାନ୍ତି । ଏହି ଶୁଭ ଦିନ ଅବସରରେ ବିଶ୍ୱକଲ୍ୟାଣ ସଂସ୍ଥାନ ପକ୍ଷରୁ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ହାତକୁ ନିଆଯିବା ଘଟଣାକୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି । ଏଠାରେ ଉଲ୍ଲେଖଯୋଗ୍ୟ ମହାମାରୀ କରୋନା ସଂକ୍ରମଣ ସମୟରେ ଅମ୍ଳଜାନ ଅଭାବ ଯୋଗୁ ବହୁ କରୋନା ଆକ୍ରାନ୍ତ ରୋଗୀମାନେ ମୃତ୍ୟୁ ବରଣ କରୁଥିବା ବେଳେ ଏହି ଅମ୍ଳଜାନ କିଭଳି ଭାବେ ଉତ୍ପନ୍ନ ହୋଇପାରିବ ତାହାକୁ ଦୃଷ୍ଟିରେ ରଖି ଏବେ ସମସ୍ତେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱ ଦେଉଥିବା ବେଳେ ବିଶ୍ୱ କଲ୍ୟାଣ ସଂସ୍ଥାନ ପକ୍ଷରୁ ମଧ୍ୟ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି ।

## ପିଡିଏସ୍ ସାମଗ୍ରୀ ବଣ୍ଟନରେ ଅବ୍ୟବସ୍ଥା ଲାଗି ମ୍ୟୁନିସିପାଲଟି ନିର୍ବାହୀ ଅଧିକାରୀଙ୍କୁ ଦାବି

ଜଳେଶ୍ୱର,୧୫/୫ (ନି.ପ୍ର) : କରୋନାର ୨ୟ ଲହର ସମସ୍ତଙ୍କୁ ବେରୋଜଗାର କରାଇଥିବା ବେଳେ ସରକାରଙ୍କ ପିଡିଏସ୍ ସାମଗ୍ରୀ ବଣ୍ଟନରେ ଅନିୟମିତତା ଅଭିଯୋଗ ହୋଇଛି । ଆଜି ଜଳେଶ୍ୱର ମ୍ୟୁନିସିପାଲଟିର ଜନୈକ ରିଟଲର ନିୟମ ଅନୁଯାୟୀ ମିଳିବାକୁ ଥିବା ପିଡିଏସ୍ ଚାଉଳ ହିତାଧିକାରୀଙ୍କୁ କମ୍ ଦେବା ସହିତ ତାଙ୍କ ନିକଟରୁ ଅଧିକ ଟଙ୍କା ଦେଇଥିବାର ଭାଜପାର ନଗର ସଭାପତି ଫାଲ୍‌ଗୁନୀ ପାଣିଗ୍ରାହୀଙ୍କ ସମେତ ବହୁ ଭାଜପା କର୍ମୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହାର ସୁ ବ୍ୟବସ୍ଥା ନ କଲେ ଆସନ୍ତା ଦିନରେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ସେମାନେ ଚେତାବନୀ ନେଇଛନ୍ତି।

# ବାଲେଶ୍ୱରରେ ବିଗୁଡୁଛି କରୋନା ସ୍ଥିତି : ୨୪ ଘଣ୍ଟାରେ ଚିହ୍ନଟ ୩୦୩ ସଂକ୍ରମିତ

ବାଲେଶ୍ୱର,୧୫/୦୫ (ନି.ପ୍ର): ଦ୍ୱିତୀୟ ଲହର ବଢୁଥିବା କରୋନା ସଂକ୍ରମଣରେ ବାଲେଶ୍ୱରର ସ୍ଥିତି କ୍ରମଶଃ ବିଗିଡ଼ିବାରେ ଲାଗିଛି। ଏକ ସପ୍ତାହଧରି ଜିଲାରେ ଦୈନିକ ସଂକ୍ରମଣ ହାର ୩ଶହ ଉପରେ ରହୁଥିବା ବେଳେ ଆଗାମୀ ଦିନରେ ସ୍ଥିତି ଆହୁରି ସଙ୍ଗିନ ହେବା ନେଇ ବିଭିନ୍ନ ମହଲରୁ ଆଶଙ୍କା ପ୍ରକାଶ ପାଇଛି। ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗର ରିପୋର୍ଟ ଅନୁସାରେ ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲାରୁ ୩୦୩ଜଣ ନୂଆ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ତନ୍ମଧ୍ୟରୁ ସହରର ଗୋପାଳଗାଁରୁ ସର୍ବାଧିକ ୭ଜଣ, ଦାମୋଦରପୁରରୁ ୫ଜଣ, ରାଣୀପାଟଣାରୁ ୪, ଅଙ୍ଗାରଗଡିଆରୁ ୨, ଜିଲା ମୁଖ୍ୟ ଚିକିତ୍ସାଳୟରୁ ୨, ମାଣିଖମ୍ବରୁ ୨, ମାନସିଂବଜାରରୁ ୨, ଉଦୟନଗରରୁ ୨ଜଣଙ୍କ ସମେତ ଆକତପୁର, ଅରଡବଜାର, ଭୋଇସାହି, ଦରଜୀପୋଖରୀ, ଫକୀରମୋହନ ନଗର, ଜେଲରୋଡ, ମୋତିଗଞ୍ଜ, ନଳମଗଞ୍ଜ, ନୂଆବଜାର, ପଦୁଆପଦା, ପୁରୁଣା ବାଲେଶ୍ୱର, ରାଜାବଗିଚା, ଶୋଭାରାମପୁର ଓ ହ୍ୱାଇଟ ହାଉସ କ୍ଲିନିକଗଳିରୁ ଜଣେ ଲେଖାଏଁ ସଂକ୍ରମିତ ଅଛନ୍ତି। ସେହିପରି ସଦର ବ୍ଲକରୁ ୩୩ଜଣ, ରେମୁଣା ବ୍ଲକରୁ ୧୭ଜଣ, ବାହାନଗାରୁ ୨, ଖଇରାରୁ ୬, ଜଳେଶ୍ୱରରୁ ୫, ସୋରରୁ ୪, ଭୋଗରାଇରୁ ୩୫, ବସ୍ତାରୁ ୪୧, ସିମୁଳିଆରୁ ୪୭, ନୀଳଗିରିରୁ ୯ଜଣ ଓ ବାଲିଆପାଳ ବ୍ଲକରୁ ୬୫ଜଣଙ୍କୁ ନୂଆ ସଂକ୍ରମିତ ଭାବେ ଚିହ୍ନଟ କରାଯାଇଛି । ଚିହ୍ନଟ ହୋଇଥିବା ସମସ୍ତେ ସ୍ଥାନୀୟ ସଂକ୍ରମିତ ଓ ପୂର୍ବ ଆକ୍ରାନ୍ତଙ୍କ ସଂସ୍ପର୍ଶରେ ଆସିଥିବା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି । ବାଲେଶ୍ୱର ଜିଲାରେ ଅଦ୍ୟାବଧି ୧୮,୪୯୬ ଜଣ ସଂକ୍ରମିତ ହୋଇଥିବା ବେଳେ ଆଜି ଗୋଟିଏ ଦିନରେ ୯୭ଜଣ ସୁସ୍ଥ ହୋଇଛି। ଅଦ୍ୟାବଧି ଜିଲା୧୫,୩୦୧ ଜଣ ସୁସ୍ଥ ହୋଇଥିବା ବେଳେ ଏବେ ୩,୦୮୮ ଜଣ ସଂକ୍ରମିତ ସକ୍ରିୟ ଅଛନ୍ତି। ତନ୍ମଧ୍ୟରୁ ୨୭୩୮ଜଣ ଗୃହ ସଙ୍ଗରୋଧରେ ଏବଂ ୩୦୬ ଜଣ ଜିଲାର ୨ଟି କୋଭିଡ ହସପିଟାଲ ଓ ୩ ଗୋଟି କୋଭିଡ ଯତ୍ନ କେନ୍ଦ୍ରରେ ଚିକିତ୍ସିତ ହେଉଛନ୍ତି। ଅଦ୍ୟାବଧି ଜିଲାରେ କରୋନା ମୃତ୍ୟୁ ସଂଖ୍ୟା ୧୦୭ରେ ସ୍ଥିର ରହିଛି । ଅନ୍ୟପକ୍ଷରେ ୩ଦିନ ଧରି ଜିଲ୍ଲାରେ କୋଭିଡ ଟିକାକରଣ ବନ୍ଦ ରହିଛି । ତେବେ ବାଲେଶ୍ୱର ଜିଲାରେ ବଢ଼ି ଚାଲିଥିବା ସଂକ୍ରମିତଙ୍କ ସଂଖ୍ୟାରୁ ଏହା ଗୋଷ୍ଠୀ ସଂକ୍ରମଣର ରୂପ ନେଉଥିବା ବିଭିନ୍ନ ମହଲରୁ ଆଶଙ୍କା ପ୍ରକାଶ ପାଇଛି। ଏଷନଇ ଅଧିକରୁ ଅଧିକ ସତର୍କତା ଅବଲମ୍ବନ ପାଇଁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି।

# ରାଜଧାନୀରେ ୨୪ ଘଂଟାରେ ୧୧୧୮ ପଜିଟିଭ୍

ଭୁବନେଶ୍ୱର,୧୫/୦୫ (ନି.ପ୍ର): ଭୁବନେଶ୍ୱରରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୬୦ ହଜାର ଟପିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମ୍‌ସି) ଅଂଚଳରୁ ଶନିବାର ଆଉ ୧୧୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦୨୮୧ କୁ ବୃଦ୍ଧି ପାଇଛି। ସେଥିରୁ ୧୭୪ ଜଣ କ୍ୱାରେଂଟାଇନ୍ ରୁ ରହିଥିବା ବେଳେ ୯୪୪ ଲୋକାଲ୍ କେସ ରହିଛନ୍ତି। ଅପରପକ୍ଷରେ ୨୪ ଘଂଟାରେ ୮୫୧ ଜଣ ଆରୋଗ୍ୟ ହୋଇ ଘରକୁ ଫେରିଛନ୍ତି। ଏନେଇ ବିଏମ୍‌ସି ପକ୍ଷରୁ ଟ୍ୱିଟ୍ କରାଯାଇଛି। ବିଏମସିର ସୂଚନା ଅନୁସାରେ ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ ପଟିଆରୁ ସର୍ବାଧିକ ୫୮ ଜଣ ଓ ନୟାପଲ୍ଲୀରୁ ୫୨ଜଣ , ଓଲ୍ଡ ଟାଉନ୍ ରୁ ୪୯ ଜଣ , ଖଣ୍ଡଗିରିରୁ ୪୮ ଜଣ ରହିଛନ୍ତି। ସେହିପରି ଲକ୍ଷ୍ମୀସାଗରରୁ ୩୫ ,ଡୁମଡୁମାରୁ ୩୩ , ଚନ୍ଦ୍ରଶେଖରପୁରରୁ ୩୦ , ଶୈଳଶ୍ରୀବିହାରରୁ ୨୪, ୟୁନିଟ୍ ୯ରୁ ୨୩, ଝାରପଡାରୁ ୨୦ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ନୟାପଲ୍ଲୀରୁ ୨୪ଜଣ , ପଟିଆରୁ ୧୩ ଜଣ , ପାତ୍ରପଡାରୁ ୭ , ଲକ୍ଷ୍ମୀସାଗରରୁ ୬ ଜଣ ଲେଖାଏଁ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଛନ୍ତି। ବିଏମସିର ସୂଚନା ଅନୁଯାୟୀ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୬୦୨୮୧ କୁ ବୃଦ୍ଧି ପାଇଛି। ସେହିପରି ସୁସ୍ଥଙ୍କ ସଂଖ୍ୟା ୪୮୨୮୬ କୁ ବୃଦ୍ଧି ପାଇଛି। ଭୁବନେଶ୍ୱରରେ ଏବେ ୧୧୬୮୩ ଜଣ ସକ୍ରିୟ ଆକ୍ରାନ୍ତଙ୍କର ଚିକିତ୍ସା ଜାରି ଥିବା ବେଳେ ମୃତକଙ୍କ ସଂଖ୍ୟା ୨୯୧ ରହିଛି।

## ୨୪ ଘଂଟାରେ ୧୦,୭୮୧ ସୁସ୍ଥ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ରାଜ୍ୟରେ ଆଜି ୧୦ ହଜାର ୭୮୧ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଟୁଇଟ ଜରିଆରେ ଏହି ସୂଚନା ଦିଆଯାଇଛି। ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୫ ଲକ୍ଷ ୨ ହଜାର ୪୫୫କୁ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଖୋର୍ଦ୍ଧା ଜିଲ୍ଲାରୁ ଆଜି ସର୍ବାଧିକ ୧୬୦୫ ଆକ୍ରାନ୍ତ ଓ ସୁନ୍ଦରଗଡ଼ ଜିଲ୍ଲାରୁ ୧୧୮୬ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି କଟକରୁ ୯୬୬, କଳାହାଣ୍ଡିରୁ ୫୬୬, ଅନୁଗୁଳରୁ ୫୫୭, ବରଗଡ଼ରୁ ୫୩୦, ସମ୍ବଲପୁରରୁ ୪୫୮, ଝାରସୁଗୁଡ଼ାରୁ ୪୨୨, ପୁରୀରୁ ୩୬୬ ଓ ନବରଂଗପୁରରୁ ୩୪୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ଗଂଜାମ ଜିଲ୍ଲାରୁ ୨୮୫, ନୟାଗଡ଼ରୁ ୨୬୭, ବଲାଙ୍ଗୀରରୁ ୨୫୮, ମୟୂରଭଂଜରୁ ୨୫୭, ନୂଆପଡ଼ାରୁ ୨୫୬, ବୌଦ୍ଧରୁ ୨୫୧, କୋରାପୁଟରୁ ୨୧୮, କେନ୍ଦୁଝରରୁ ୨୦୬, ଯାଜପୁରରୁ ୧୭୭, ଢେଙ୍କାନାଳରୁ ୧୬୩, ଭଦ୍ରକରୁ ୧୫୭, ଜଗତସିଂହପୁରରୁ ୧୪୭, ସୁବର୍ଣ୍ଣପୁରରୁ ୧୪୪, କେନ୍ଦ୍ରାପଡ଼ାରୁ ୧୪୩, ରାୟଗଡ଼ାରୁ ୧୩୧, ଦେବଗଡ଼ରୁ ୧୧୦, ବାଲେଶ୍ୱରରୁ ୯୭, ଗଜପତିରୁ ୯୧, କନ୍ଧମାଳରୁ ୭୬, ମାଲକାନଗିରିରୁ ୬୭ ଓ ରାଜ୍ୟପୁଲରୁ ୨୮୨ ଜଣ କରୋନା ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି।

# ଅଗ୍ନିଶମ ବିଭାଗ ପକ୍ଷରୁ ସହର ରାସ୍ତା ବିଶୋଧନ



ବାଲେଶ୍ୱର,୧୫/୦୫ (ନି.ପ୍ର): ବାଲେଶ୍ୱରରେ ବଢୁଥିବା କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ବିଶୋଧନ କାର୍ଯ୍ୟକୁ ଅଧିକ ଗୁରୁତ୍ୱ ଦିଆଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଗତ କିଛିଦିନ ଧରି ସହରର କିଛି ଅଞ୍ଚଳରେ ବିଶୋଧନ ଚାଲିଥିଲା। ତେବେ ଶନିବାର ବାଲେଶ୍ୱର ଅଗ୍ନିଶମ ବିଭାଗ ସମେତ ଚାନ୍ଦିପୁର ପ୍ରତିରକ୍ଷା ବିଭାଗ ଓ ଜିଲାର ବିଭିନ୍ନ ଶିକ୍ଷାନୁଷ୍ଠାନ ଦମକଳ ବାହିନୀ ସହରର ପ୍ରତିଟି ଅଞ୍ଚଳକୁ ବିଶୋଧିତ କରୁଛନ୍ତି। ପ୍ରତି ଗାଡ଼ିରେ ୫ରୁ ୭ଜଣ କର୍ମଚାରୀ ରହି ମେସିନ ସାହାଯ୍ୟରେ ବିଶୋଧନ ଦ୍ରବଣ ସିଞ୍ଚନ କରୁଥିବା ଦେଖିବାକୁ ମିଳିଥିଲା ।ଏହି ପରିପ୍ରେକ୍ଷୀରେ ଆଇଟିଆର ଦମକଳ ବାହିନୀ ସହରର ତାମୁଲିଆ ଛକ ନିକଟରୁ ଫାଣ୍ଡିଛକକ ପର୍ଯ୍ୟନ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ପ୍ରତ୍ୟେକ ଦୋକାନ, ରାସ୍ତାରେ ଯାଉଥିବା ଯାନବାହାନ, ରାସ୍ତାପାର୍ଶ୍ୱ ଖାଲିଜାଗା ଓ ରାସ୍ତା ପାର୍ଶ୍ୱ ବିଲ୍ଡିଂ ଉପରକୁ ଏହି ବିଶୋଧନ ଦ୍ରବଣ ପକାଉଥିଲେ। ନିୟମିତ ବ୍ୟବଧାନରେ ଏହିଭଳି ବିଶୋଧନ ଦ୍ରବଣ ସଞ୍ଚନ ଜାରି ରହିବ ବୋଲି ବିଭାଗୀୟ ଅଧିକାରୀ ସୂଚନା ଦେଇଛନ୍ତି।

# କେଶରୀୟା ହିନ୍ଦୁ ବାହିନୀର ନୂତନ କର୍ମକର୍ତ୍ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା




ବାରିପଦା,୧୫/୦୫ (ନି.ପ୍ର): ଆଜି କେଶରୀୟା ହିନ୍ଦୁ ମହିଳା ବାହିନୀର ଜିଲ୍ଲା ସଭାନେତ୍ରୀ ଶ୍ରୀମତୀ ହେମୋଲତା ଦାସଙ୍କ ଅଧକ୍ଷତାରେ କେଶରୀୟା ହିନ୍ଦୁ ବାହିନୀର ନୂତନ ଭାବେ ମନୋନୀତ ହୋଇଥିବା ଜିଲ୍ଲା ସଭାପତି ବିଜୟ କୁମାର ମିଶ୍ର ଓ କେଶରୀୟା ହିନ୍ଦୁ ବାହିନୀ ଅଖଣ୍ଡ ଭାରତ ବାହିନୀର ଓଡିଶା ପ୍ରଦେଶ କୋର କମିଟିର ସଭାପତି ଭାବେ ମନୋନୀତ ହୋଇଥିବା ଦିଲ୍ଲିପ କୁମାର ଦାସଙ୍କୁ ଆଜି ବାରିପଦା ଠାରେ ସ୍ୱାଗତ ସମ୍ବାର୍ଦ୍ଧନା ପ୍ରଦାନ କରା ଯାଇଥିବାର ଜଣାଯାଇଛି। ଆୟୋଜିତ ଏହି ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ସଂଗଠନର ବହୁ ବିଶିଷ୍ଟ କର୍ମକର୍ତ୍ତା ଉପସ୍ଥିତ ରହି ନବ ମନୋନୀତ ଜିଲ୍ଲା ଓ ରାଜ୍ୟ ସଭାପତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପରେପରେ ଅନୁଷ୍ଠିତ ଆଲୋଚନା ସଭାରେ ଆଗାମୀ ଦିନରେ ଜିଲ୍ଲାରେ ରହିଥିବା ବିଭିନ୍ନ ସମସ୍ୟାକୁ ଲୋକଲଚନକୁ ଆଣିବା ସହିତ ଏହାର ପ୍ରତିକାର କରାଯିବା ନିମନ୍ତେ ସାମୁହିକ ଭାବେ ପ୍ରୟାସ କରାଯିବ ବୋଲି ନବ ମନୋନୀତ କର୍ମକର୍ତ୍ତା ମାନେ ନିଜ ଅଭିଭାଷଣରେ କହିଥିଲେ।

## ଅକ୍ଷୟ ତୃତୀୟାରେ ଶୁଭେଚ୍ଛା ଜଣାଇଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୫/୦୫ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅକ୍ଷୟ ତୃତୀୟାରେ ଶୁଭେଚ୍ଛା ଜଣାଇଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ପବିତ୍ର ଅକ୍ଷୟ ତୃତୀୟା ତଥା କୃଷକ ଦିବସ ଅବସରରେ ରାଜ୍ୟବାସୀଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା। ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କୃପାରୁ ଚାଷୀମାନଙ୍କ ଅଖିମୁଠି ଅନୁକୂଳ ଶୁଭଙ୍କର ହେଉ। ଚଳିତ ବର୍ଷ ଭଲ ଫସଲ ଅମଳ ଚାଷୀଙ୍କ ସୁଖ ଓ ସମୃଦ୍ଧିର ଧାରାକୁ ଆହୁରି ତ୍ୱରାନ୍ୱିତ କରୁ ବୋଲି ସେ କହିଛନ୍ତି ।

# ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଂପାଦକଙ୍କ ବିୟୋଗରେ ଶୋକସଭା




ବାରିପଦା,୧୫/୦୫ (ନି.ପ୍ର): ମୟୁରଭଞ୍ଜ ଜିଲ୍ଲା ବାରିପଦା ସ୍ଥିତ ଶିକ୍ଷକ ଭବନ ଠାରେ ପ୍ରାଥମିକ ଶିକ୍ଷକ ସଂଘର ପୂର୍ବତନ ସଂପାଦକ ସ୍ୱର୍ଗତଃ ମୂରଲୀଧର ନାଏକଙ୍କ ବିୟୋଗରେ ଏକ ଶୋକସଭା କୋଭିଡ ନିୟମାବଳୀ ମୁତାବକ ଅନୁଷ୍ଠିତ ହୋଇଯାଇଛି । ସଭା ଆରମ୍ଭରେ ଅମର ଆତ୍ମାର ସଦଗତି ପାଇଁ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତଃ ନାଏକ ବଡସାହି ବ୍ଲକ ଶିଆଳିଘାଟି ଗ୍ରାମରେ ୧୯୬୧ ମସିହା ନଭେମ୍ବର ୨୬ତାରିଖରେ ଜନ୍ମଗ୍ରହଣ କରି ଚଳିତ ମାସ ୧୦ତାରିଖରେ କରୋନାରେ ଆକ୍ରାନ୍ତ ହୋଇ ପିଆରଏମ ମେଡକାଲରେ ଚିକିତ୍ସାଧିନ ଅବସ୍ଥାରେ ମୃତ୍ୟୁବରଣ କରିଥିଲେ। ସେ ଜଣେ ପରୋପକାରୀ, ଦକ୍ଷ, କର୍ତ୍ତବ୍ୟ ପରାୟଣ ଏବଂ ମିଷ୍ଟଭାଷୀ ବ୍ୟକ୍ତି ଭାବେ ସ୍ଥାନୀୟ ଅଂଚଳରେ ପରିଚିତ ଥିଲେ। ସେ ବଡସାହି ବ୍ଲକ କାଉଚି ପ୍ରାଥମିକ ବିଦ୍ୟାଳୟରେ ପ୍ରଧାନଶିକ୍ଷକ ଭାବେ କାର୍ଯ୍ୟରତ ଥିଲେ। ତାଙ୍କ ମୃତ୍ୟୁ ଜିଲ୍ଲାର ଏକ ଅପୁରଣୀୟ କ୍ଷତି ବୋଲି ଉପସ୍ଥିତ ସଭା ମଣ୍ଡଳୀ ନିଜନିଜ ଶ୍ରଦ୍ଧାଞ୍ଜଳି ବକ୍ତବ୍ୟରେ ବର୍ଣ୍ଣନା କରିଥିଲେ। ଆୟୋଜିତ ଶୋକସଭାରେ ଜିଲ୍ଲା ଶିକ୍ଷକ ସଂଘର ଉପଦେଷ୍ଟା ଶିବପ୍ରସାଦ ମହାପାତ୍ର, ଶିବଶଙ୍କର ଅଧିକାରୀ, ପୂର୍ବତନ ଜିଲ୍ଲା ସଭାପତି ରତିକାନ୍ତ ସେଠୀ, ଜିଲ୍ଲା ସଂପାଦକ ବିମଳ କୁମାର ଆଚାର୍ଯ୍ୟ ଆଦି ଉପସ୍ଥିତ ରହି ସ୍ୱର୍ଗତଃ ନାଏକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# ବରିଷ୍ଠ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର୍ ସନାତନ ମହାନ୍ତିଙ୍କ ପରଲୋକ : ଧ୍ୱନି ପ୍ରତିଧ୍ୱନି ଓ ସୁବର୍ଣ୍ଣଶ୍ରୀ ପ୍ରତିଷ୍ଠାନ ପକ୍ଷରୁ ଗଭୀର ଶ୍ରଦ୍ଧାଞ୍ଜଳି



ବାଲେଶ୍ୱର,୧୫/୦୫ (ନି.ପ୍ର): ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଅନ୍ୟତମ କୃତିସନ୍ତାନ ଭଦ୍ରକର ଆଗରପଡ଼ା ନିକଟବର୍ତ୍ତୀ କୁଆଁମଡ଼ିଆ ଗ୍ରାମରେ ୬ଫେବୃଆରୀ ୧୯୨୭ରେ ଜନ୍ମିତ ପ୍ରଫେସର୍ ଡ.ସନାତନ ମହାନ୍ତିଙ୍କର ୯୪ବର୍ଷ ବୟସରେ ଆଜି ୧୫ତାରିଖ ପବିତ୍ର ଅକ୍ଷୟତୃତୀୟା ତିଥିର ସକାଳେ ତାଙ୍କ ଭଦ୍ରକ ସହରସ୍ଥ ବାସଭବନରେ ପରଲୋକ ଗମନ ଘଟିଛି । ପରିଣତବୟସରେ ପ୍ରଫେସର୍ ମହାନ୍ତିଙ୍କର ଇହଲୀଳା ସମ୍ବରଣ ଘଟିଥିଲେ ବି ସେ ଥିଲେ ଅବିଭକ୍ତ ବାଲେଶ୍ୱର ଜିଲ୍ଲାର ଜଣେ ସୁପ୍ରତିଷ୍ଠିତ ସାହିତ୍ୟସାଧକ ତଥା ଶିକ୍ଷାବିତ୍ । ପ୍ରାୟ ୧୫ଖଣ୍ଡରୁ ଉର୍ଦ୍ଧ୍ୱ ପୁସ୍ତକର ରଚୟିତା ପ୍ରଫେସର୍ ମହାନ୍ତି ସମ୍ବଲପୁର ଗଙ୍ଗାଧରପୁର ମେହେର କଲେଜରେ ଅର୍ଥଶାସ୍ତ୍ରର ପ୍ରଫେସର୍ ଭାବେ ସରକାରୀ ଚାକିରିରୁ ଅବସର ଗ୍ରହଣ କରିବା ପରେ ଆଗରପଡ଼ା କଲେଜର ଅଧକ୍ଷ ଭାବେ ଦୀର୍ଘ ୭ବର୍ଷ କାର୍ଯ୍ୟ ସମ୍ପାଦନ କରିଥିଲେ। ଫକୀରମୋହନ ବିଶ୍ୱବିଦ୍ୟାଳୟର ସିନେଟ୍, ସିଣ୍ଡିକେଟ୍ ଏବଂ ଏକାଡ଼େମିକ୍ କାଉନ୍‌ସିଲ୍‌ର ସଦସ୍ୟ ଭାବେ ମଧ୍ୟ କାର୍ଯ୍ୟ କରିଥିଲେ । ଗାନ୍ଧିବାଦରେ ସଦା ଆସ୍ଥା ପ୍ରକଟ କରୁଥିବା ଏବଂ ଶ୍ରୀ ଅରବିନ୍ଦଙ୍କ ଯୋଗ ଓ ଶିକ୍ଷା ଦର୍ଶନର ସଦା ପୂଜାରୀ ପ୍ରଫେସର୍ ମହାନ୍ତି ବହୁ ଗବେଷଣାତ୍ମକ ନିବନ୍ଧ ଲେଖିଛନ୍ତି । ଉଭୟ ଇଂରାଜୀ ଓ ଓଡ଼ିଆରେ ସେ ଗ୍ରନ୍ଥ ରଚନା କରିଛନ୍ତି । ତାଙ୍କ ଦୀର୍ଘ ଜୀବନର ବିପୁଳ ଅଭିଜ୍ଞତା ଓ ଅନୁଭୂତି ଆଧାରରେ ରଚିତ 'ଶିକ୍ଷାବିତ୍‌ର ସ୍ମୃତିଲିପି' ଆତ୍ମଜୀବନୀ ସୁବର୍ଣ୍ଣଶ୍ରୀ ପକ୍ଷରୁ ପ୍ରକାଶ ପାଇ ସାରା ଓଡ଼ିଶାରେ ଏକ ସୁଖପାଠ୍ୟ ଆତ୍ମଜୀବନୀର ମାନ୍ୟତା ଲଭିଥିଲା । ଶିକ୍ଷାଦାନ ଓ ଶିକ୍ଷା ସଂସ୍କାର ଉପରେ ତାଙ୍କର ବହୁ ଉପାଦେୟ ପ୍ରବନ୍ଧ ତାଙ୍କୁ ଜଣେ ଯଶସ୍ୱୀ ସ୍ରଷ୍ଟାର ଗୌରବ ଆଣି ଦେଇଥିଲା । ଫକୀରମୋହନ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଅର୍ଥନୀତି ସଂସଦ, ଆଗରପଡ଼ା ମହାବିଦ୍ୟାଳୟ, ରୋଟାରିକ୍ଲବ୍ ଭଦ୍ରକ, ମିଳନୀ ଭୁବନେଶ୍ୱର, ସୁବର୍ଣ୍ଣଶ୍ରୀ ଓ କାଳାନ୍ତର, ବାଲେଶ୍ୱର, ମୁରଲୀଧର ସ୍ମୃତିସଂସଦ, ଭଦ୍ରକ ଆଦି ବହୁ ଅନୁଷ୍ଠାନ ସମେତ ଓଡ଼ିଶାସାହିତ୍ୟ ଏକାଡ଼େମୀ ପକ୍ଷରୁ ବରିଷ୍ଠ ସାରସ୍ୱତ ସାଧକ ଭାବରେ ସେ ସମ୍ବର୍ଦ୍ଧିତ ହୋଇଥିଲେ । ଭଦ୍ରକ ଗାନ୍ଧିବିଚାରମଞ୍ଚ ଓ ଭଦ୍ରକ ସାହିତ୍ୟ ସଂସ୍କୃତି ପରିଷଦର ସେ ଥିଲେ ମୁଖ୍ୟ ପରିଚାଳକ । ତାଙ୍କର ଅବର୍ତ୍ତମାନ ଅବିଭକ୍ତ ବାଲେଶ୍ୱର ଜିଲ୍ଲା ପାଇଁ ଏକ ଅପୂରଣୀୟ କ୍ଷତି କହିଲେ ଅତ୍ୟୁକ୍ତି ହେବନାହିଁ ବୋଲି ଧ୍ୱନି ପ୍ରତିଧ୍ୱନିର ମୁଖ୍ୟ ସଂପାଦକ ସୃଷ୍ଟିଧର ପରିଡାଙ୍କ ସମେତ 'ସୁବର୍ଣ୍ଣଶ୍ରୀ'ର ପ୍ରତିଷ୍ଠାତା ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ କବି କାଳୀପଦ ପଣ୍ଡା ପ୍ରକାଶ କରିଥିଲା ବେଳେ ବିଶିଷ୍ଟ ଲେଖକ ଡାକ୍ତର ଦୁର୍ଯ୍ୟୋଧନ ଦାସ, ଡ.ଶଶଧର ଦାସ, ଡ.ପ୍ରହ୍ଲାଦ ପତି, ଅଭୟ ଦ୍ୱିବେଦୀ, ଚିତ୍ରଶିଳ୍ପୀ ଅଶୋକ ମହାନ୍ତି ଏବଂ ସାହିତ୍ୟ ଏକାଡ଼େମୀର ସଦସ୍ୟ ପବିତ୍ର ପାଣିଗ୍ରାହୀ, ଧ୍ୱନି ପ୍ରତିଧ୍ୱନି ଓ ସାଗରିକାର ସଂପାଦିକା ସୈରିନ୍ଧ୍ରୀ ସାହୁ ପ୍ରମୁଖ ରାଜ୍ୟର ବହୁ ଲେଖକ ଓ ବୁଦ୍ଧିଜୀବି ଗଭୀର ଶୋକ ବ୍ୟକ୍ତ କରିଛନ୍ତି ।

# ବାଲେଶ୍ୱରରେ ତୃତୀୟ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିନ

# ଜରୁରୀ କାର୍ଯ୍ୟ ଆଳରେ ବାହାରୁଥିବା ଅମାନିଆଙ୍କ ସଂଖ୍ୟା ବଢୁଛି

ବାଲେଶ୍ୱର,୧୫/୦୫ (ନି.ପ୍ର): କରୋନା ସଂକ୍ରମଣ ରୋକିବାକୁ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ପ୍ରଶାସନ ପକ୍ଷରୁ ବାଲେଶ୍ୱରରେ ଜାରି ରହିଥିବା ସପ୍ତାହାନ୍ତ ଦୁଇଦିନିଆ ବନ୍ଦର ଶନିବାର ଥିଲା ତୃତୀୟ ସପ୍ତାହର ପ୍ରଥମ ଦିନ। ଏହି ସପ୍ତାହରେ ୫ଦିନ ତାଲାବନ୍ଦରେ କଟିବା ପରେ ଶନିବାର ଆରମ୍ଭ ହୋଇଛି ୪୮ ଘଣ୍ଟିଆ ବନ୍ଦ। ଜିଲାର ବାଲେଶ୍ୱର, ଜଳେଶ୍ୱର, ସୋର ଓ ନୀଳଗିରି ପ୍ରଭୃତି ସହରାଞ୍ଚଳ ଓ ପାଖାପାଖି ପଞ୍ଚାୟତଗୁଡ଼ିକରେ ବି ଏହି ବନ୍ଦର ପ୍ରଭାବ କିଛି ମାତ୍ରାରେ ଅନୁଭୂତ ହୋଇଥିଲା। ଏହି ଅବସରରେ ବାଲେଶ୍ୱର ସହରରେ ସମସ୍ତ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ ବନ୍ଦ ରହିଥିବା ଦେଖିବାକୁ ମିଳିଥିଲା। ଔଷଧ ଦୋକାନ ବ୍ୟତୀତ ଅନ୍ୟ ସମସ୍ତ ଦୋକାନ ବନ୍ଦ ରହିଥିଲା। ସେହିପରି ସପ୍ତାହାନ୍ତ ବନ୍ଦ ପାଇଁ ପବିତ୍ର ଅକ୍ଷୟ ତୃତୀୟାରେ ଆୟୋଜିତ ହେଉଥିବା ବିଭିନ୍ନ ପାରମ୍ପରିକ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏହି ବନ୍ଦରେ ସାଧାରଣ ଚଳପ୍ରଚଳକୁ ନିଷିଦ୍ଧ କରାଯାଇଥିଲେ ବି ପ୍ରଶାସନିକ ଅଧିକାରୀ, ଡାକ୍ତର ଓ ମେଡିକାଲ କର୍ମଚାରୀ, ହସପିଟାଲକୁ ଯାଉଥିବା ରୋଗୀ, ବିଦ୍ୟୁତ, ପାଣି ଯୋଗାଣ, ଟେଲିକମ୍ୟୁନିକେସନ ଓ ସଫେଇ କର୍ମଚାରୀ, ଔଷଧ ଦୋକାନ, ଶିକ୍ଷାନୁଷ୍ଠାନ କର୍ମଚାରୀ, ପେଟ୍ରୋଲ ପମ୍ପ, ସାଧାରଣ ପରିବହନ ଓ ଗଣମାଧ୍ୟମ ଭଳି ଅତ୍ୟାବଶ୍ୟକ ସେବାକୁ କଟକଣା ମୁକ୍ତ ରଖାଯାଇଛି । ତେବେ ଏହି ବନ୍ଦରେ ସହରର ଅଧିକାଂଶ ଲୋକେ ଘରେ ରହି ପ୍ରଶାସନର ବନ୍ଦ ନିୟମକୁ ପାଳନ କରିଥିଲେ ମଧ୍ୟ ବହୁ ଅମାନିଆ ବିଭିନ୍ନ ଜରୁରୀ ଆଳ ଦେଖାଇ ରାସ୍ତାଘାଟରେ ଯା'ଆସ କରୁଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ସପ୍ତାହାନ୍ତ ବନ୍ଦକୁ ସଫଳ କରିବା ପାଇଁ ଜିଲା ପୁଲିସ ପକ୍ଷରୁ ଏକାଧିକ ଗାଡ଼ି ପାଟ୍ରୋଲିଂ କରିଥିଲେ ବି ଅମାନିଆ ଗଳିକନ୍ଦି ରାସ୍ତାରେ ଯାଉଥିଲେ। ମୋଟ ଉପରେ ବାଲେଶ୍ୱରେ ତୃତୀୟ ସପ୍ତାହାନ୍ତ ବନ୍ଦର ପ୍ରଥମ ଦିନ ସଫଳ ହୋଇଥିଲେ ମଧ୍ୟ ଅମାନିଆଙ୍କ ପ୍ରତି ଆହୁରି କଠୋର ନୀତି ଗ୍ରହଣ ପାଇଁ ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା।
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704,267078, Fax- (06782) 267078

❐ Managing & Executive Editor : Srustidhar Parida
❐ Editor: Sairindhree Sahoo